ଧରିତ୍ରୀ
DHARITRI
December 19-25, 2021 ₹ 2/-

# କୋଟପାଡ଼ ଶାଢ଼ି

ଓଡ଼ିଶାର ହସ୍ତତନ୍ତ ଶାଢ଼ି ମଧ୍ୟରେ କୋଟପାଡ଼ ଶାଢ଼ିର ରହିଛି ଏକ ସ୍ୱତନ୍ତ୍ର ନାମ। ସମ୍ପୂର୍ଣ୍ଣ ଜୈବିକ ପ୍ରକ୍ରିୟାରେ ପ୍ରସ୍ତୁତ ଏହି ଶାଢ଼ି କେବଳ ଆମ ରାଜ୍ୟ ନୁହେଁ, ଦେଶ ତଥା ବିଦେଶରେ  ମଧ୍ୟ ଲୋକପ୍ରିୟ ହେବାରେ ଲାଗିଛି ...

୩
ପ୍ରଚ୍ଛଦ ପ୍ରସଙ୍ଗ



୪

# ଖ୍ରୀଷ୍ଟମାସ ଗିଫ୍ଟ

**ଖ୍ରୀଷ୍ଟମାସ ଅବସରରେ ବନ୍ଧୁ ହୁଅନ୍ତୁ ଅବା କୌଣସି ସମ୍ପର୍କୀୟଙ୍କୁ ଯଦି କମ୍ ବଜେଟରେ କିଛି ଆକର୍ଷଣୀୟ ଉପହାର ଦେବାକୁ ଚାହୁଁଥାନ୍ତି, ତା'ହେଲେ ନିମ୍ନରେ ଦିଆଯାଇଥିବା କିଛି ଟିପ୍ସକୁ ଆପଣେଇ ପାରିବେ–**

*ନିଜ ହାତରେ ଏକ ସୁନ୍ଦର ଖ୍ରୀଷ୍ଟମାସ ଗ୍ରିଟିଙ୍ଗ୍ସ କାର୍ଡ କରି ନିଜ



ପ୍ରିୟଜନଙ୍କୁ ଦିଅନ୍ତୁ ନା, ଦେଖିବେ ଏହା କେମିତି ତାଙ୍କ ମୁହଁରେ ହସ ଫୁଟାଇଦେବ।

* ଚକୋଲେଟ୍ ବି ଏହି ବିଶେଷ ମୁହୂର୍ତ୍ତରେ ଦେବା ପାଇଁ ଏକ ଭଲ ଗିଫ୍ଟ ହୋଇପାରେ।

*ମେରି ଖ୍ରୀଷ୍ଟମାସ ପ୍ରିଣ୍ଟ ହୋଇଥିବା କୌଣସି କଫି ମଗ୍‌କୁ ଆପଣ ଚାହିଁଲେ ନିଜ ପ୍ରିୟଜନଙ୍କୁ ଦେଇ ଏହି ବିଶେଷ ଅବସରକୁ ଆହୁରି ସୁନ୍ଦର କରିପାରିବେ।

*ନାଚୁଥିବା କିମ୍ବା ଗୀତ ଗାଉଥିବା ଖେଳଣା ସାନ୍ତାକୁ ଏହି ଅବସରରେ ଛୋଟ ପିଲାଙ୍କୁ ଉପହାର ଦେଲେ ସେମାନେ ବହୁତ ଖୁସି ହୋଇଯାନ୍ତି। କେବଳ ଛୁଆ କାହିଁକି ଆପଣ ଚାହିଁଲେ ନିଜ ପ୍ରିୟଜନଙ୍କୁ ବି ଏହି ଉପହାର ଦେଇ ତାଙ୍କ ମୁହଁରେ ହସ ଫୁଟାଇପାରିବେ।

*ଆର୍ଟିଫିସିଆଲ୍ ଖ୍ରୀଷ୍ଟମାସ ଟ୍ରି ବି ଏଥିପାଇଁ ଏକ ସୁନ୍ଦର ବିକଳ୍ପ ହୋଇପାରେ।

*ଆଉ ସବୁଠୁ ଭଲ ଅପ୍ସନ ହେଲା ଖ୍ରୀଷ୍ଟମାସ କେକ୍। ଏହା ମୁହଁ ମିଠା କରିବା ସହ ସମ୍ପର୍କରେ ନିବିଡ଼ତା ଆଣିଥାଏ।

*ଯେହେତୁ ଏବେ ବି କରୋନା ମହାମାରୀକୁ ନେଇ ଲୋକଙ୍କ ମନରୁ ସମ୍ପୂର୍ଣ୍ଣ ଭୟ କମି ନାହିଁ, ତେଣୁ ଆପଣ ନିଜ ପ୍ରିୟଜନଙ୍କୁ ସୁରକ୍ଷିତ ରହିବା ପାଇଁ ସାନିଟାଇଜର୍ କିମ୍ବା ମାସ୍କ ବି ଗିଫ୍ଟ ଆକାରରେ ଦେଇପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୯-୨୫

**ମେଷ**
ପରିବାରରେ ଭୁଲ୍ ବୁଝାମଣା, ବନ୍ଧୁ ଉପରେ ସନ୍ଦେହ, ଆର୍ଥିକ ସଂକଟ, ପଡୋଶୀଙ୍କ ଉଦାରତା, ସ୍ଥଗିତ କର୍ମାରମ୍ଭ, ସନ୍ତାନଙ୍କ କୃତିତ୍ୱ, ରୋଗପୀଡା ହ୍ରାସ, ଯାତ୍ରା ସ୍ଥଗିତ ରହିଯିବ, ନୂତନବନ୍ଧୁ ସମ୍ପର୍କ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା।

**ବୃଷ**
ସମ୍ପର୍କ ଯୋଡି ହୋଇଯିବ, ଅର୍ଥଲାଭ ଅବଶ୍ୟମ୍ଭାବୀ, ମାନସିକ ଶାନ୍ତି, ଯାତ୍ରା ଯୋଗ ରହିଛି, ଅନ୍ୟମତକୁ ସମ୍ମାନ, ଭାବପ୍ରକାଶରେ ପଛେଇବେ। ଅସଂଯମତାରୁ ବିତର୍କ, ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି।

**ମିଥୁନ**
ଭ୍ରମଣ ହେତୁକ କ୍ଳାନ୍ତି, କାର୍ଯ୍ୟହାନୀରୁ ଅବସାଦ, ଶୁଭଖବର ପାଇବେ, ପଡୋଶୀଙ୍କ ସହ ସମ୍ପର୍କ, ସୌଖୀନ ପଦାର୍ଥ ଆଣିପାରନ୍ତି, ଆତ୍ମନିର୍ଭରଶୀଳ ହୋଇପାରନ୍ତି, ଗଠନମୁଳକ କାର୍ଯ୍ୟ ॥

**କର୍କଟ**
ପାରିବାରିକ ଶାନ୍ତି, ମାନସିକ ସୁସ୍ଥତା, ଉଚ୍ଚସମ୍ମାନ ପାଇବେ, କଳାସାହିତ୍ୟରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ପର ପାଇଁ ସମସ୍ୟା, ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ, ଶୁଭଫଳ ମିଳିବ, ଯାତ୍ରା ଶୁଭ ହେବ, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ,ବନ୍ଧୁଙ୍କ ପ୍ରତାରଣା।

**ସିଂହ**
ପଡୋଶୀଙ୍କ ପରାମର୍ଶ, କର୍ମଦକ୍ଷତାରୁ ସମ୍ମାନ, ଆର୍ଥିକସ୍ଥିତିରେ ପରିବର୍ତ୍ତନ, ଦ୍ରବ୍ୟନଷ୍ଟରୁ କଳହ, ଆତ୍ମୀୟସ୍ୱଜନ ଦୂରେଇଯିବେ, ମନକଥା କହିପାରିବେନି, ଅବହେଳାରୁ କାର୍ଯ୍ୟହାନୀ ॥

**କନ୍ୟା**
ଜିନିଷଟି ପାଇଁ ବିବାଦ, ସାଧାରଣ କଥାରୁ ଅଶାନ୍ତି, ଯୋଜନା ବିଗିଡିଯିବ, ବନ୍ଧୁମହଲରେ ନିନ୍ଦା, ପଡୋଶୀଙ୍କ ଆକ୍ଷେପୋକ୍ତି, ପାରିବାରିକ ସ୍ଥିତିରେ ଉନ୍ନତି, ମିତ୍ରବନ୍ଧୁଙ୍କ ଆଗମନ, ଯାତ୍ରାରେ ଲକ୍ଷ୍ୟପୂରଣ ॥

**ତୁଳା**
କର୍ମଜଞ୍ଜାଳ ବୃଦ୍ଧି, ସହକର୍ମୀଙ୍କ ଅସହଯୋଗ, ଟେନ୍ସନ ବୃଦ୍ଧି ପାଇବ, ପାରିବାରିକ ଦ୍ୱନ୍ଦ୍ୱ, ଉପରିସ୍ଥଙ୍କ ତାଗିଦ, ଅସ୍ୱାଭାବିକ ଘଟଣା, ପରୋକ୍ଷ ଶତ୍ରୁତା। ପ୍ରତିକୂଳ ପରିସ୍ଥିତି, ଆତ୍ମୀୟଙ୍କ ଭୁଲ୍ ଧାରଣା, ଭଲ କରି ନିନ୍ଦା ଶୁଣିବେ, ଆର୍ଥିକ ଦୂରବସ୍ଥା ॥

**ବିଛା**
ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ଉଚ୍ଚ କର୍ତ୍ତୃପକ୍ଷଙ୍କ ଚାପ, ପାରିବାରିକ ସମସ୍ୟା। ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ପୁଞ୍ଜି ଲଗାଣ, ଦୂରଯାତ୍ରା ପାଇଁ ପ୍ରସ୍ତୁତି। ଦୁଃସାହାସିକ ପଦକ୍ଷେପ, କ୍ରୀଡାକ୍ଷେତ୍ରରୁ ପ୍ରଶଂସା ॥

**ଧନୁ**
ସଫଳତାରେ ଆନନ୍ଦ, ଶୁଭସୂଚନାରୁ ଖୁସୀ, ଅପମାନରୁ ରକ୍ଷା, ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ। କଚେରୀ ମାମଲାରୁ ମନସ୍ତାପ, ପିଲାଙ୍କ ସକାଶେ ବ୍ୟସ୍ତତା, ଋଣ ପରିଶୋଧର ଚିନ୍ତା, ବିସ୍ମୟଜନକ ଖବର ॥

**ମକର**
ଧର୍ମକାର୍ଯ୍ୟରେ ସହଯୋଗ, ବନ୍ଧୁଙ୍କ ନିମନ୍ତ୍ରଣ, ସଭାସମିତିରେ ଯୋଗଦାନ, ସମ୍ବର୍ଦ୍ଧିତ ହୋଇପାରନ୍ତି, ମନକଥା ମନରେ ରହିଯିବ, ରୋଗପୀଡା ଅନୁଭବ, ଗସ୍ତ କାର୍ଯ୍ୟକ୍ରମ ବାତିଲ, ନିଃସଙ୍ଗତା ବୋଧ ॥

**କୁମ୍ଭ**
ଦାମ୍ପତ୍ୟ କଳହ, ନିଜ ଲୋକଙ୍କ ଶତ୍ରୁତା, ବିଜାତୀୟଙ୍କ ବନ୍ଧୁତା, ଖୁସିଗପର ମଉକା। ବ୍ୟୟଭାର କମିବ, ଲେଖାପଢାରୁ ପ୍ରଶଂସା, କାମ ଅଟକି ରହିଯିବ, ପରିସ୍ଥିତି ବଦଳିବ, ଯାନାବାହନରେ ତ୍ରୁଟି, ପ୍ରଶାସନିକ ବ୍ୟସ୍ତତା ॥

**ମୀନ**
ମାନସିକ ଦ୍ୱନ୍ଦ୍ୱ, ବୁଝାମଣାରେ ସନ୍ଦେହ, ଆଲୋଚନା ଅଟକିବ, ଯୋଜନା ବିଗିଡିବ, ପାରିବାରିକ ଅଶାନ୍ତି, ବନ୍ଧୁସମ୍ପର୍କ ହାନୀ, କ୍ରନିକ ରୋଗ ବଢିବ, ଅଶୌଚ ଖବର ପାଇବେ, ବକେୟାକୁ ନେଇ କଳହ, ବୈବାହିକ ସମସ୍ୟା, ଆଇନ ସହାୟତାପ୍ରାପ୍ତି।

# ସବୁଠୁ ବଡ଼ ସାନ୍ତା

ଖ୍ରୀଷ୍ଟମାସ ଆସିଲେ ସାନ୍ତା କ୍ଲଜ୍‌ଙ୍କୁ ନେଇ ଅନେକଙ୍କ ମନରେ ଏକ ଅପୂର୍ବ ଆନନ୍ଦ ଖେଳିଯାଇଥାଏ। ସେମାନଙ୍କର ବିଶ୍ୱାସ ଥାଏ ଯେ, ଏହି ପବିତ୍ର ଅବସରରେ ସାନ୍ତା କୁଆଡ଼େ ଘରକୁ ଅନେକ ସୁଖସମୃଦ୍ଧି ନେଇ ଆସିଥାନ୍ତି। ଏହା କେତେ ଦୂର ସତ ତାହା ତ ଜଣାନାହିଁ କିନ୍ତୁ ଲୋକବିଶ୍ୱାସରେ ସାନ୍ତା ସୌଭାଗ୍ୟର ପ୍ରତୀକ ହୋଇ ଆଜିଯାଏ ରହି ଆସିଛନ୍ତି। ସେଥିପାଇଁ ଖ୍ରୀଷ୍ଟମାସ ଆସିଲେ ଦେଶ ହେଉ ଅବା ବିଦେଶର ବିଭିନ୍ନ ସ୍ଥାନରେ ସାନ୍ତାଙ୍କର ଖୁବ୍ ସୁନ୍ଦର ସୁନ୍ଦର ପ୍ରତିମା ତିଆରି କରାଯାଇଥାଏ। ତେବେ ସୂଚନାନୁଯାୟୀ, ୨୦୧୬ରେ ପର୍ତ୍ତୁଗାଲ୍‌ର ଅଗୁଏଡ଼ା ନାମକ ସହରରେ ଗଢ଼ାଯାଇଥିଲା ବିଶ୍ୱର ସବୁଠାରୁ ବଡ଼ ସାନ୍ତା ପ୍ରତିମା; ଯାହାର ଉଚ୍ଚତା ଥିଲା ପ୍ରାୟ ୬୯.୧୬ ଫୁଟ, ଚଉଡ଼ା ୩୦.୧୨ ଫୁଟ ଏବଂ ଗଭୀରତା ପ୍ରାୟ ୪୧.୪ ଫୁଟ। ଆଉ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ପ୍ରତିମାଟିକୁ ପ୍ରାୟ ୮ ଟନ୍‌ର ଆଲୁମିନିୟମ୍ ଓ ଲୁହା ଦ୍ୱାରା ତିଆରି କରାଯାଇ



ତା'ଉପରେ ବିଭିନ୍ନ ରଙ୍ଗର କମ୍ ଭୋଲ୍‌ଟେଜ୍ ବିଶିଷ୍ଟ ପ୍ରାୟ ଏକ ଲକ୍ଷ ଦଶ ହଜାରରୁ ଊର୍ଦ୍ଧ୍ୱ ଏଲ୍‌ଇଡି ଲାଇଟ୍ସ ଲଗାଇ ଖୁବ୍ ସୁନ୍ଦର ଭାବେ ଡେକୋରେଟ୍ କରାଯାଇଥିଲା।

# ପାଠକୀୟ

*କେବେ କାହା ସହ ଦେଖାହେବ, କାହା ସହ କ'ଣ ଘଟିବ, ଏସବୁ ଭାଗ୍ୟର ଲେଖା ନା ସଂଯୋଗର କଥା। ତେବେ ଏତିକି କୁହାଯାଇପାରେ, ଯେବେ ଯେବେ କିଛି ସଂଯୋଗ ଘଟେ ଲାଗେ ସତେଯେମିତି ଏମିତି କିଛି ଅଲୌକିକ ଶକ୍ତି ଅଛି, ଯାହା ଦ୍ୱାରା ସମସ୍ତେ ପରିଚାଳିତ। ତେଣୁ ବିଭିନ୍ନ ପ୍ରକାରର ସଂଯୋଗମୟ ଘଟଣାବଳୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସୁନ୍ଦର ଆଲେଖ୍ୟ ଥିଲା। 'କଳାଜାଇ ଅଙ୍ଗର କେଉଁଠି ରହିଲେ ଶୁଭ' ଏବଂ 'ଆଲୋଭେରାର ଉପକାରିତା' ଆଦି ପାଠଗୁଡ଼ିକରୁ ଅନେକ କିଛି ଶିଖିବାକୁ ମିଳିଲା।

***–ଜୟନ୍ତୀ ରଥ, ରସୁଲଗଡ଼, ଭୁବନେଶ୍ୱର***

*ଯେବେ ଯେବେ କିଛି ସଂଯୋଗ ଘଟେ ଲାଗେ ସତେ ଯେମିତି ଭଗବାନ ତାଙ୍କ ଉପସ୍ଥିତିର ପ୍ରମାଣ ଦେଉଛନ୍ତି। ଆଉ କିଛି ଅଲୌକିକ ଶକ୍ତି ଦ୍ୱାରା ଯେ ସମସ୍ତେ ପରିଚାଳିତ ତାହା ସମସ୍ତଙ୍କୁ ଚେତେଇ ଦେଉଛନ୍ତି। ସେମିତି କିଛି ସଂଯୋଗପୂର୍ଣ୍ଣ ଘଟଣାବଳୀକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ମନରେ ଏକ ନୂଆ ଆଶା ଭରି ଦେଇଥିଲା। 'ସ୍ୱେଟର୍ ଡ୍ରେସ୍' ପାଠଟିରୁ ଅନେକ ନୂଆ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସେବା ଓ ସର୍ଜନାର ମଧୁଝର ତପନ କୁମାରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

***–ସଞ୍ଜୟ ବଳିୟାର ସିଂ, କାକଟପୁର, ପୁରୀ***

*ସୃଜନ ପୃଷ୍ଠାରେ ସ୍ଥାନିତ 'ଡାଏରୀର ପୃଷ୍ଠାଟିଏ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ଅନ୍ତରଙ୍ଗ' ନାମକ କବିତାଟି ବି ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ଶିକ୍ଷୟିତ୍ରୀ, ଲେଖିକା ସ୍ୱପ୍ନା ବେହେରାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ପ୍ରେରଣାଦାୟୀ ଥିଲା।

***–ରୋଜାଲିନ୍ ପରିଡ଼ା, କଣ୍ଟିଲୋ, ନୟାଗଡ଼***

*'ମଡର୍ନ ଆପ୍ଲିକ' ଏକ ଶିକ୍ଷଣୀୟ ତଥା ପ୍ରେରଣାଦାୟୀ ବିଷୟ ଥିଲା। ମଡେଲ୍ ମିରର୍‌ରେ ପ୍ରିୟଙ୍କା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହରଠୁ ଦୂର ପୃଷ୍ଠାରୁ 'ଅପୂର୍ବ ଶୋଭାର ଗନ୍ତାଘର ହୋନେମାରାଡୁ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସାଥୀର ଉତ୍ତରଗୁଡ଼ିକ ବି ଭାରି ରୋମାଣ୍ଟିକ୍ ଲାଗୁଥିଲା।

***–ଜୟନ୍ତ ମହାନ୍ତି, ସମ୍ବଲପୁର***

* ବିବିଧା ପୃଷ୍ଠାରେ ସ୍ଥାନିତ 'ଦୁଇ ଚକରେ ଅଟୋ ଚଳାଇ କଲେ ରେକର୍ଡ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଇଲେକ୍ଟ୍ରିକ୍ ମୋହନ', 'ବିବାହ କଲେ ଭିଡିଓ ଗେମ୍ ଗର୍ଲଫ୍ରେଣ୍ଡକୁ' ଏବଂ 'ହାତୀ ପାଇଁ ସ୍ୱେଟର' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ବ୍ୟଙ୍ଗ ସ୍ତମ୍ଭରୁ 'ମା' ମାଟି–ମଣିଷ' ନାମକ ଲେଖାଟି ଖୁବ୍ ମନଛୁଆଁ ହୋଇପାରିଥିଲା।

***–ରୋଶନ୍, ଜସ୍ମିନ, ରାଉରକେଲା***

## ବିଶେଷ ଚିଠି



ଆହାକି ସୁନ୍ଦର ଏହି ଛୁଟିଦିନ
ମୋହିନିଏ ସଭିଙ୍କର ମନ।
ଷୋହଳ ପୃଷ୍ଠାର ଅପାର ସମ୍ଭାର
ଶିକ୍ଷା ଦେଇଥାଏ ଯୁଗ–ଯୁଗାନ୍ତର।
ବାର ଭିତରେ ସେ ଶ୍ରେଷ୍ଠ ରବିବାର
ନୂତନ ଶିକ୍ଷାର ସେ ଗନ୍ତାଘର।
ସହରଠୁ ଦୂର ବ୍ୟାକ୍‌ପେଜ୍ କଭର
ପୁଣି ମହାନ୍ ବ୍ୟକ୍ତିତ୍ୱଙ୍କ ପ୍ରଥମ ରୋଜଗାର
ଏସବୁ ପଢ଼ି ସତେ ମନ ହୁଏ କେଡେ ମନୋହର।
ଏତିକି ମିନତି କରୁଥାଏ ନିତ୍ୟ
ସର୍ବଦା ରହୁ ଏହାର ମହତ।

***–ସରିତା ସ୍ୱାଇଁ, ଆରପୁର, ଦୁଲଣାପୁର, ବାଙ୍କୀ, କଟକ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# କୋଟପାଡ଼ ଶାଢ଼ି



**ଓଡ଼ିଶାର ହସ୍ତତନ୍ତ ଶାଢ଼ି ମଧ୍ୟରେ କୋଟପାଡ଼ ଶାଢ଼ିର ରହିଛି ଏକ ସ୍ୱତନ୍ତ୍ର ନାମ। ସମ୍ପୂର୍ଣ୍ଣ ଜୈବିକ ପ୍ରକ୍ରିୟାରେ ପ୍ରସ୍ତୁତ ଏହି ଶାଢ଼ି କେବଳ ଆମ ରାଜ୍ୟ ନୁହେଁ, ଦେଶ ତଥା ବିଦେଶରେ ଲୋକପ୍ରିୟ ହୋଇପାରିଛି ...**

ନାରୀକୁ ସୌନ୍ଦର୍ଯ୍ୟମୟୀ କରେ ତା'ର ପରିଧାନ, ବେଶ ପରିପାଟୀ, ଯାହା ମଧ୍ୟରେ ଶାଢ଼ିର ରହିଛି ସ୍ୱତନ୍ତ୍ର ସ୍ଥାନ। ଶାଢ଼ି ବୋଧହୁଏ ଏମିତି ଏକ ପରିଧାନ ଯାହା ଯେକୌଣସି ନାରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ମୁଖ୍ୟତଃ ଭାରତୀୟ ନାରୀମାନେ ଶାଢ଼ି ପିନ୍ଧୁଥିବାବେଳେ ଭାରତର ବିଭିନ୍ନ ରାଜ୍ୟର ଶାଢ଼ିର ସ୍ୱାତନ୍ତ୍ର୍ୟ ଭିନ୍ନ ଭିନ୍ନ। ଏହିକ୍ରମରେ ଦେଖିଲେ ଭାରତୀୟ ଶାଢ଼ି ଭିତରେ ଓଡ଼ିଶା ଶାଢ଼ିର ସ୍ଥାନ ସବୁବେଳେ ସ୍ୱତନ୍ତ୍ର ରହିଆସିଛି। ତେବେ ଓଡ଼ିଶାର ଶାଢ଼ି କହିଲେ ବି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ଶାଢ଼ି ଦେଖିବାକୁ ମିଳିଥାଏ। କିନ୍ତୁ ମୋଟ୍ ଉପରେ କହିଲେ ଓଡ଼ିଶାର ହସ୍ତତନ୍ତ ଶାଢ଼ିର କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ ବେଶ୍ ଚାହିଦା ରହିଛି। ଯାହା ମଧ୍ୟରେ କୋଟପାଡ ଶାଢ଼ି ସ୍ୱତନ୍ତ୍ର ମର୍ଯ୍ୟାଦା ରଖେ।

କୋରାପୁଟ ଜିଲାରୁ ୮୦କି.ମି. ଦୂର କୋଟପାଡ଼ ସହର ବିଜ୍ଞାପିତ ଅଞ୍ଚଳର ୯ ନମ୍ବର ୱାର୍ଡ଼ର କୁସୁମୀ ଛକଠାରୁ ୧୦ କି.ମି. ଦୂର ସୁନାରବେଲି ନୂଆ ଗାଁ ପଞ୍ଚାୟତର ଡଙ୍ଗରିଗୁଡା ଓ ଭୋଂଶୁଲି ପଞ୍ଚାୟତରେ କେଉଁ ରାଜରାଜୁଡା ସମୟରୁ ଜୈବିକ ପ୍ରଣାଳୀରେ ଶାଢ଼ି ପ୍ରସ୍ତୁତ ହେଉଛି, ଯାହା କୋଟପାଡ଼ ଶାଢି ରୂପେ ସାରା ଭାରତରେ ଏପରିକି ବିଦେଶରେ ମଧ୍ୟ କେତେକ ସ୍ଥାନରେ ପହଞ୍ଚିବା ସହ ଫ୍ୟାଶନ ଜଗତରେ ବେଶ୍ ଆଦୃତ ହୋଇଛି।



ଏଠାକାର କାରିଗରମାନେ ପୁରୁଷ ପୁରୁଷ ଧରି ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ସହ ରାଜ୍ୟ, ଦେଶ ତଥା ବିଦେଶରେ ସୁନାମ ଅର୍ଜନ କରୁଛନ୍ତି। ରାଜ୍ୟ ସରକାରଙ୍କ ହସ୍ତତନ୍ତ ବୟନ ଶିଳ୍ପ ବିଭାଗ ୧୯୫୬ ମସିହାରେ କୋଟପାଡ଼ ତଥା ମିରିଗାନ ଶାଢ଼ିକୁ ମାନ୍ୟତା ଦେବା ସହ ଏହାର ବିକ୍ରି ପାଇଁ ମଧ୍ୟ ସହଯୋଗ କରୁଛନ୍ତି। ଯେଉଁଥିପାଇଁ ଭାରତର ବିଭିନ୍ନ ରାଜ୍ୟରେ ମେଳା, ପ୍ରଦର୍ଶନୀ ପ୍ରଦର୍ଶିତ ହେବା ସହ ରପ୍ତାନି ମଧ୍ୟ କରାଯାଉଛି। ଫଳରେ କାରିଗରମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କାର ଲାଭ କରିବା ସହ ବୟୋଜ୍ୟେଷ୍ଠ କାରିଗର ଗୋବର୍ଦ୍ଧନ ପନିକା ପଦ୍ମଶ୍ରୀ ଉପାଧି ପାଇଛନ୍ତି।

**ଶାଢ଼ି ପ୍ରସ୍ତୁତି:** କୋଟପାଡ଼ ଶାଢ଼ି ପାଇଁ କଞ୍ଚାମାଲ ଭାବରେ ବରଗଡ଼ ଜିଲାରୁ କଟନ ସୂତା ଅଣାଯାଉଥିବାବେଳେ ଟସର ସୂତା ପଡ଼ୋଶୀ ରାଜ୍ୟ ଛତିଶଗଡ଼ ବସ୍ତର ଜିଲାରୁ ଅଣାଯାଇ ଶାଢି ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ। ଏଥିପାଇଁ ପ୍ରଥମେ ସୂତା ପ୍ରସ୍ତୁତ କରାଯାଏ। ତାପରେ ରଙ୍ଗ ଦେବା ସକାଶେ ଆଲ ଗଛର ମାଟି ତଳେ ଥିବା ଚେରର ବକଳ, ଗାଈ ଗୋବର, ଜଡ଼ାତେଲ, ହରିଡା, ବାହାଡ଼ା, ହୀରକୋଶି, ଲୁହାଜଙ୍କ, ପାଉଁଶ ଇତ୍ୟାଦି ପ୍ରାକୃତିକ ସାମଗ୍ରୀ ଆବଶ୍ୟକ ପଡିଥାଏ। ଆଲ ଗଛ କୋରାପୁଟ, କଳାହାଣ୍ଡିରେ ମିଳୁଥିବା କାରିଗର କହନ୍ତି। ପ୍ରଥମେ ଆଲ ଗଛ ଚେରର ବକଳକୁ ଶୁଖାଇ ଘୋରଣାରେ ଗୁଣ୍ଡକରି ଆଲ ପାଉଡର ପ୍ରସ୍ତୁତ କରାଯାଏ। ଗୋଟେ ବଣ୍ଡଲ ସୂତାରେ ୪.୫ କି.ଗ୍ରା. ଆଲ ପାଉଡର ଆବଶ୍ୟକ ପଡେ। ତା'ପରେ ବଣ୍ଡଲ ସୂତାକୁ ୧୦ ଭାଗ କରାଯାଏ। ତାକୁ ବଡ଼ ହାଣ୍ଡିରେ ଦିନସାରା ବତୁରାଇ ରଖାଯାଏ। ପରେ ୫ କି.ଗ୍ରା. ଜଡାତେଲ ଆଣି ସିଝାଯାଏ। ସୂତାକୁ ବିଛେଇ ରଖି ତା' ଉପରେ ସେହି ତେଲ ପକାଯାଏ। ଟିକେ ଥଣ୍ଡା ହେଲେ ସୂତାକୁ ଭଲରେ ହାତରେ ଚକଟାଯାଏ। ପରେ ଉଭୟ ପଟକୁ ଗୋବରରେ ଲେପ ଦିଆଯାଏ। ଏହାପରେ ସେହି ସୂତା ଶୁଖାଯାଏ। ପରେ କାଠର ପାଉଁଶକୁ ହାଣ୍ଡି ପାଣିରେ ସିଝା ହୁଏ। ସେହି ଖାର ପାଣିକୁ ସୂତାରେ ଛିଞ୍ଚି ଛିଞ୍ଚି ସୂତାକୁ ଚକଟା ହୁଏ ଓ ପୁଣି ଶୁଖା ହୁଏ। ଏମିତି ୧୫ ଦିନ ଦିନକୁ ଦୁଇ ଥର ଏହିଭଳି ଖାର ପାଣିରେ ସୂତା ଚକଟା ହୁଏ ଏବଂ ଶୁଖାହୁଏ। ୧୫ ଦିନ ପରେ ପୋଖରୀକୁ ନେଇ ସୂତାକୁ ସଫା କରାଯାଏ। ତାପରେ ୧୦ ବଣ୍ଡଲ କରି ତାକୁ ଛୋଟ ଛୋଟ ହାଣ୍ଡିରେ ଗରମ ପାଣି କରାଯାଇ ସେଥିରେ ସୂତା ପକାଯାଏ। ଏହାପରେ ସେଥିରେ ଆଲ ପାଉଡର ପକାଇ ବାଡିରେ ଘଣ୍ଟାଯାଏ। ଦିନସାରା ସେହି ପାଣିରେ ସୂତା ରହିବ। ପରଦିନ ପୁଣି ୧ ଘଣ୍ଟା ସିଝା ହେବ। ପରେ ପୋଖରୀରେ ଧୁଆଯିବ। ସୁଖା ହେବ। ପୁଣି ତା'ପରଦିନ ତାକୁ ଆଉ ଥରେ ସିଝା ହେବ। ପରଦିନ ପୁଣି ଧୁଆଯିବ। ଏଭଳି ୪-୫ ଦିନ ପର୍ଯ୍ୟନ୍ତ ସିଝାଇବା, ଧୋଇବା ଶୁଖାଇବା ଚାଲୁ ରହେ। ରଙ୍ଗ ସକାଶେ ହରିଡା, ବାହାଡ଼ା ଆଦି ପ୍ରାକୃତିକ ଜିନିଷ ବ୍ୟବହାର କରାଯାଏ। ଗୋଟିଏ ଶାଢ଼ି ପ୍ରସ୍ତୁତି ପାଇଁ ଏକ ମାସ ଲାଗିଯାଏ।






**ଶାଢ଼ି ଗୁଡ଼ିକର ନାମ:** ପୂର୍ବେ ଶାଢିଗୁଡିକୁ ଲାଲ ବୋରି, ସୁନ୍ଦରମଣୀ ଧୋତି, କୋବୋରି ପାଟ, ଠେକ୍ରା ପାଟ, ତୋରଫୁ ପାଟ, ଟେଣ୍ଡକି ଧୋତି, ସାରି ଧଡି, ଆଞ୍ଚ ଧଡି, ବନ୍ଧି ଟାବାଲ, ଫୁଲ ଟାବଲ ଇତ୍ୟାଦି ନାମକରଣ କରାଯାଉଥିଲା। ବର୍ତ୍ତମାନ ଏହି ନାମକୁ ବଦଳାଇ ମିରିଗାନ ପାଟ, ସୁନ୍ଦର ମଣୀ ପାଟ, ସଲଜା ପାଟ, ଦୁପଟା, ମିରିଗାନ ଟସର ସିଲକ ଶାଢି ଇତ୍ୟାଦି ଦିଆଯାଉଛି ବୋଲି କରିଗର କପିଳେଶ୍ୱର ମହନ୍ତ କୁହନ୍ତି। ଏହି ଶାଢିଗୁଡିକର ଦାମ ୧୦ ହଜାରରୁ ଆରମ୍ଭ କରି ୩୦/୪୦ ହଜାର ପର୍ଯ୍ୟନ୍ତ ରହୁଛି।

ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ତିଆରି ଏହି ଶାଢିର ଚାହିଦା ରାଜ୍ୟରେ ଯେତିକି ରାଜ୍ୟ ବାହାରେ ତଥା ବିଦେଶୀ ପର୍ଯ୍ୟଟକଙ୍କୁ ବହୁ ଆକୃଷ୍ଟ କରୁଛି। ପର୍ଯ୍ୟଟକମାନେ ଏଠାରେ ଶାଢି ପ୍ରସ୍ତୁତି ଦେଖିବା ସହ ଶାଢି କିଣି ନେଉଛନ୍ତି। ଏହାଛଡ଼ା ଶାଢିଗୁଡିକୁ ଦେଶ ତଥା ଆମେରିକା, ଜାପାନ, ଫ୍ରାନ୍ସ, ଇଟାଲୀ, ଜର୍ମାନ ଇତ୍ୟାଦି ବାହାର ଦେଶକୁ ରପ୍ତାନି ହେଉଛି।

**ଏ ଆମର କୌଳିକ ବୃତ୍ତି:** ମିରିଗାନ ସମ୍ପ୍ରଦାୟର ୨ ଶହରୁ ଊର୍ଦ୍ଧ୍ୱ ପରିବାର ଏହି କୌଳିକ ବୃତ୍ତି ଆପଣାଇ ଥିବାବେଳେ ଏବେ ପ୍ରାୟ ଅଶୀ ପରିବାର କାମ କରୁଛନ୍ତି। ଏଥିମଧ୍ୟରୁ ଡଙ୍ଗରିଗୁଡାର ୨୫ ଭୋଂଶୁଲିର ୨୦ ପରିବାର ରହିଥିବାବେଳେ ବାକି ସମସ୍ତେ କୋଟପାଡ ସହରାଞ୍ଚଳରେ ବସବାସ କରନ୍ତି। ଏଥିମଧ୍ୟରୁ ୧୫ ରୁ ୨୦ ଜଣ କାରିଗର ଉଚ୍ଚକୋଟୀର ଶାଢି ତିଆରି କରୁଛନ୍ତି। ଏମାନଙ୍କୁ ସରକାରୀ ସହାୟତା, ହସ୍ତତନ୍ତ ବୟାନ ଶିଳ୍ପ ବିଭାଗ ତରଫରୁ ସମସ୍ତ ସାହାଯ୍ୟ ସହଯୋଗ ମିଳୁଥିବାବେଳେ କାରିଗରମାନଙ୍କ ସକାଶେ ୪ଗୋଟି ସ୍ଥାନରେ ତାଲିମ କେନ୍ଦ୍ର ଖୋଲା ଯାଇଛି। ଯଥା କୋଟପାଡ ମିରିଗାନ ସାହି, ଭୋଂଶୁଲି, ଡଙ୍ଗରିଗୁଡା, ବୋତାସନା ଆଦି ଅଞ୍ଚଳ। ଉକ୍ତ ତାଲିମ କେନ୍ଦ୍ରରେ ୫୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ତାଲିମ ନେଉଛନ୍ତି। ଚଳିତ ବର୍ଷ କରୋନା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଥିବାବେଳେ ସରକାରୀ ସହାୟତା ଠିକ ସମୟରେ ମିଳିପାରି ନାହିଁ ବୋଲି କାରିଗର କହନ୍ତି। ଗତ ୨୦୧୭ ମସିହାରେ ରାଜ୍ୟ ସରକାର ମିରିଗାନ ଶାଢି ଉତ୍ପାଦନ ପ୍ରଚାର ପ୍ରସାର ତାଲିମ ସହ ବିଭିନ୍ନ ଯୋଜନା ସହ ଏକ ଗୋଦାମ ଗୃହ ନିର୍ମାଣ କରିବାକୁ ୧କୋଟି ୮୭ ଲକ୍ଷ ଟଙ୍କା ମଞ୍ଜୁର କରି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉକ୍ତ ଟଙ୍କା କୋଟପାଡ ବ୍ୟାଙ୍କରୁ ଅନ୍ୟତ୍ର କୋରାପୁଟ ବ୍ୟାଙ୍କକୁ ସ୍ଥାନାନ୍ତର କରାଯାଇ ଥିବାରୁ ଏଠାରେ ଗୋଦାମ ଗୃହ ନିର୍ମାଣ ହୋଇପାରୁ ନ ଥିବା କୋଟପାଡ ଡବ୍ଲ୍ୟୁସିଏସ୍ ସଭାପତି ପ୍ରହ୍ଲାଦ ମହନ୍ତ କହିଛନ୍ତି। ଗତ କରୋନା ସମୟରେ ଗୋଟେ ପାଖେ ବେପାର ଠିକ୍ ଭାବରେ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଗୋଦାମ ଗୃହ ନ ଥିବାରୁ ଉତ୍ପାଦିତ ବସ୍ତ୍ରଗୁଡିକୁ ମୂଷା କାଟି ନଷ୍ଟ କରି ଦେଉଛି। ତେଣୁ ଏକ ଗୋଦାମ ଗୃହ ଆବଶ୍ୟକ ପଡୁଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ମହିଳା କାରିଗର ଜେମାମଣୀ ମହନ୍ତ କୁହନ୍ତି।

ନିଜର କୌଳିକ ବୃତ୍ତିକୁ ବଞ୍ଚେଇ ରଖିବା ସହ ଓଡ଼ିଶା ହସ୍ତତନ୍ତ ଶାଢ଼ିର ମର୍ଯ୍ୟାଦା ବଢ଼ାଇଥିବା କୋଟପାଡର ଶାଢ଼ି କାରିଗରମାନଙ୍କ ପରିଶ୍ରମ ଓ ନିଷ୍ଠା ସତରେ ସ୍ୱୀକାର ଯୋଗ୍ୟ।

**–କେ. ରାଜଶେଖର ରାଓ**



**ପଦ୍ମଶ୍ରୀ ଗୋବର୍ଦ୍ଧନ ପନିକା–** ମୁଁ କେବେ ହେଲେ ଏଭଳି ଏତେ ବଡ଼ ସମ୍ମାନଜନକ ଉପାଧି ପାଇବି ବୋଲି ଆଶା କରୁ ନ ଥିଲି। ଏହାପୂର୍ବରୁ ଅନେକ ପ୍ରଦର୍ଶନୀ, ଆନ୍ତର୍ଜାତିକ ମେଳାରେ ଅଂଶ ଗ୍ରହଣ କରି ଅନେକ ଡିଜାଇନ୍‌ର ଶାଢି ବିକ୍ରି କରିଛି। କେବେ ବି ଜାଣି ନ ଥିଲି ଯେ ମୋ ହାତତିଆରି ବସ୍ତ୍ରଗୁଡ଼ିକର ଏତେ ଚାହିଦା ରହୁଛି ବୋଲି। ମୁଁ କେବଳ ପିଢ଼ି ପିଢ଼ି ଧରି ମୋର କୌଳିକ ବୃତ୍ତିକୁ ଆପଣେଇଥିଲି। ମାତ୍ର ୧୨ ବର୍ଷ ବୟସରେ ଯେତେବେଳେ ୫ମ ଶ୍ରେଣୀ ପଢୁଥିଲି ମୋ ଜେଜେବାପାଙ୍କଠାରୁ ଏହି କାମ କିଛି କିଛି ଶିଖି ଥିଲି। ପରବର୍ତ୍ତୀ ସମୟରେ ବାପାଙ୍କଠାରୁ ଏହି କାମ ଶିଖି ଆମ ଅଞ୍ଚଳର ସଂସ୍କୃତିକୁ ନେଇ ଡିଜାଇନ ତିଆରି କଲି ; ଯାହା କି ଆମ କାରିଗର କରିପାରୁ ନ ଥିଲେ। ପରେ ଆମେ ପ୍ରସ୍ତୁତ କରୁଥିବା ଶାଢ଼ିଗୁଡ଼ିକୁ ନେଇ ବିଭିନ୍ନ ମେଳା, ପ୍ରଦର୍ଶନୀରେ ଅଂଶଗ୍ରହଣ କରି ପ୍ରଦର୍ଶିତ କଲି। ସେଇଠୁ ଜାଣିଲି ଲୋକଙ୍କର ଏଇ ଶାଢ଼ି ପ୍ରତି ଏତେ ଆଗ୍ରହ ଅଛି। ସେଇଠୁ ଚିନ୍ତା କଲି ଅଧିକରୁ ଅଧିକ ଯୁବପିଢ଼ି କିପରି ଏହି ଶାଢ଼ି ପ୍ରସ୍ତୁତିର ତାଲିମ ନେଇପାରିବେ। ବର୍ତ୍ତମାନ ଏହି ଅଞ୍ଚଳର ଯୁବତୀ ଯୁବକମାନଙ୍କ ସକାଶେ ସରକାରଙ୍କ ତରଫରୁ ତାଲିମ କେନ୍ଦ୍ର ଖୋଲାଯାଇ ସେମାନଙ୍କୁ ତାଲିମ ଦେଉଛୁ। ମିରିଗାନ ଶାଢ଼ିକୁ ଅଧିକରୁ ଅଧିକ ଦେଶ ବିଦେଶରେ ପହଞ୍ଚାଇବା ଆମର ଲକ୍ଷ୍ୟ।



**ଆଶା ମହନ୍ତ–** ସରକାର ଆମକୁ ବର୍ତ୍ତମାନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ବ୍ୟାଙ୍କ ଋଣ ଦେଉଛନ୍ତି ; ଯେଉଁଥିପାଇଁ ଆମର ପିଢ଼ି ପିଢ଼ି ଧରି ଚାଲିଥିବା ଏହି କୌଳିକ ବୃତ୍ତିକୁ ଆପଣାଇବା ସହ ରୋଜଗାର ମଧ୍ୟ କରିପାରୁଛୁ। ଆଗରୁ ଆର୍ଥିକ ପରିସ୍ଥିତି ବହୁତ ଖରାପ ଥିଲା, ପିଲାମାନଙ୍କ ସକାଶେ ପାଠ ପଢ଼ା ପାଇଁ ବହୁ ଅସୁବିଧା ହେବା ସହ ଅନ୍ୟାନ୍ୟ ଘର ଖର୍ଚ୍ଚ ସକାଶେ ଅନ୍ୟପାଖରେ କାମ କରିବାକୁ ପଡୁଥିଲା। ବର୍ତ୍ତମାନ ନିଜ କାମ କରିବା ସହ ନିଜ ରୋଜଗାରରେ ପିଲାମାନଙ୍କୁ ଭଲରେ ମଣିଷ କରିପାରୁଛୁ।



**ଯେମାମଣି ପନିକା–** ମୁଁ ଶାଢ଼ି ତିଆରି କରୁଥିଲି। କିନ୍ତୁ ଜାଣି ନ ଥିଲି ଯେ ଆମ ଅଞ୍ଚଳର ଶାଢ଼ି ଏତେ ଟଙ୍କାରେ ବିକ୍ରି ହୋଇପାରିବ ବୋଲି। ଯେବେ ରାଜ୍ୟସ୍ତରୀୟ ପୁରସ୍କାର ପାଇଲି ବହୁତ ଆନନ୍ଦ ଲାଗିଥିଲା। ଆଗ ଆଖ ପାଖ ହାଟ ବଜାରମାନଙ୍କରେ ବିକ୍ରି କରି ପରିବାର ଚଳାଉଥିଲୁ। ଯେବେ କୋରାପୁଟ ପରବ ମେଳା, ଭୁବନେଶ୍ୱର ଆଦିବାସୀ ମେଳାକୁ ଗଲି ସେଠାରେ ଅନେକ ଅଞ୍ଚଳରୁ ଆମ ଭଳି କେତେ ଲୋକ ଶାଢ଼ି ଆଣିଥିଲେ ବିକ୍ରି ପାଇଁ। ମେଳା ଦେଖିବାକୁ ଆସୁଥିବା ଲୋକମାନେ କୋଟପାଡ ଶାଢ଼ି ଦୋକାନ କେଉଁଠି ଖୋଜି ଖୋଜି ଆସୁଥିଲେ ; ଯାହା କି ଖୁବ୍ ଖୁସି ଲାଗୁଥିଲା। ଏବେ ସ୍ୱୟଂ ସହାୟିକା ଗ୍ରୁପ ତରଫରୁ ବ୍ୟାଙ୍କ ଋଣ ଆଣି କାମ କରୁଛୁ ଏବଂ କୋରାପୁଟ ବୟନିକା ଡିପୋର ଅଫିସରମାନେ ଆସି ଆମ ବସ୍ତ୍ରଗୁଡ଼ିକ ପସନ୍ଦ କରି ନେଉଛନ୍ତି। ଆଗକୁ ଏ କାମ ଆମ ପିଲାଙ୍କୁ ଶିଖାଇବୁ ।




**ପ୍ରହ୍ଲାଦ ମହନ୍ତ–**ବହୁ ପୁରାତନ ସମୟରୁ ଏହି ମିରିଗାନ ଶାଢ଼ି ଏହି ଅଞ୍ଚଳରେ ବିକ୍ରି ହେବା ସହ ହାଟ ବଜାରରେ ଏହା ଖୁବ୍ କମ୍ ଦାମ୍‌ରେ ବିକ୍ରି ହେଉଥିଲା। କିନ୍ତୁ ମାସ ମାସ ଧରି ଗୋଟେ ଗୋଟେ ଶାଢ଼ି ତିଆରି ପାଇଁ ସମୟ ଲାଗୁ ଥିବା ବେଳେ କାରିଗର ତା'ର ଉଚିତ ପ୍ରାପ୍ୟ ପାଇ ପାରୁ ନ ଥିଲା। ବଡ଼ ସହରରେ ମେଳାମାନଙ୍କରେ ଏହାର ପ୍ରଦର୍ଶନ ହେବାପରେ ଧୀରେ ଧୀରେ ଲୋକ ଲୋଚନକୁ ଆସିଲା। ଏବେ ଏହି ଅଞ୍ଚଳରେ ୪ ଗୋଟି ସୟଂସହାୟକ ଗୋଷ୍ଠୀ ଗଢ଼ି ଉଠିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ପରିବାର କାମ କରୁଛନ୍ତି। ଏଥିମଧ୍ୟରୁ ୧୫/୨୦ଜଣ କାରିଗିର ଏହି କାର୍ଯ୍ୟ ସକାଶେ ସିଦ୍ଧ ହସ୍ତ, ଏମାନଙ୍କ ଦ୍ୱାରା ପ୍ରସ୍ତୁତ ଶାଢ଼ି ରାଜ୍ୟ ତଥା ବିଦେଶରେ ବିକ୍ରି ହେଉଛି। ଆମ ସୋସାଇଟି ତରଫରୁ ପ୍ରତ୍ୟେକ କାରିଗର ପାଖରୁ ବସ୍ତ୍ର ସଂଗ୍ରହ କରି ରାଜ୍ୟ ସରକାରଙ୍କ ବୟନିକା ବସ୍ତ୍ର ଭଣ୍ଡାର, ଉତ୍କଳିକା ସଂସ୍ଥାକୁ ଯୋଗାଇ ଦିଆଯାଉଛି। ସେମାନେ ଭାରତ ତଥା ବିଦେଶକୁ ରପ୍ତାନି କରୁଛନ୍ତି।











# ଦାମୀ ଖ୍ରୀଷ୍ଟମାସ ଟ୍ରି

ଖ୍ରୀଷ୍ଟମାସ ପର୍ବର ମୁଖ୍ୟ ଆକର୍ଷଣ ହୋଇଥାଏ ଖ୍ରୀଷ୍ଟମାସ ଟ୍ରି। କାରଣ କେତେକଙ୍କର ବିଶ୍ୱାସ ଥାଏ ଯେ, ଯେଉଁ ଘରେ ସୁନ୍ଦର ଭାବେ ସଜା ଯାଇଥିବା ଖ୍ରୀଷ୍ଟମାସ ଟ୍ରି ରହିଥାଏ, ସେହି ଘରକୁ ସାନ୍ତା ସୌଭାଗ୍ୟ ନେଇ ଆସିଥାନ୍ତି, ଯଦ୍ୱାରା ଘରେ ସୁଖ ଶାନ୍ତି ବୃଦ୍ଧି ପାଇଥାଏ। ସେଥିପାଇଁ ଏହାକୁ ରଙ୍ଗିନ ଆଲୋକମାଳା ହେଉ ଅବା କୌଣସି ଚକମକିଆ ଜିନିଷରେ ସଜାଇବାକୁ ଲୋକେ ତତ୍ପରତା ଦେଖାଇଥାନ୍ତି। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏମିତି ବି କିଛି ଖ୍ରୀଷ୍ଟମାସ ଟ୍ରି ଥିଲା, ଯାହାକୁ ସୁନା, ହୀରା ଭଳି ବହୁ ଦାମୀ ଜିନିଷରେ ସଜା ଯାଇଥିଲା ; ଫଳରେ ସେଗୁଡ଼ିକୁ ଦାମୀ ଖ୍ରୀଷ୍ଟମାସ ଟ୍ରିର ମାନ୍ୟତା ମିଳିଥିଲା...

**✻ଏମିରେଟ୍ସ ପ୍ୟାଲେସ୍ ଖ୍ରୀଷ୍ଟମାସ ଟ୍ରି:** ଆବୁଧାବିର ଦ ଏମିରେଟ୍ସ ପ୍ୟାଲେସ୍ ନାମକ ଏକ ପଞ୍ଚତାରକା ହୋଟେଲ୍‌ରେ ୨୦୧୦ରେ ତିଆରି କରାଯାଇଥିଲା ଏକ ଦାମୀ ଖ୍ରୀଷ୍ଟମାସ ଟ୍ରି ; ଯାହାକୁ ସଜାଇବା ପାଇଁ ସୁନା, ହୀରା, ମୋତି, ମାଣିକ ତଥା କେତେକ ଦାମୀ ପଥରର ମଧ୍ୟ ବ୍ୟବହାର ହୋଇଥିଲା। କେବଳ ସେତିକି ନୁହେଁ ଏହି ଟ୍ରିର ସାଜସଜ୍ଜାରେ କେତେକ ଦାମୀ ନେକ୍‌ଲେସ୍, ବ୍ରେସ୍‌ଲେଟ୍ ଏବଂ ହାତଘଣ୍ଟାର ବି ବ୍ୟବହୃତ ହୋଇଥିଲା। ତେଣୁ ଏହାର ମୂଲ୍ୟ ଥିଲା ପ୍ରାୟ ୧୧.୪ ମିଲିୟନ୍ ଡଲାର୍।

**✻ଡିଜ୍‌ନୀ ଗୋଲ୍ଡ ଖ୍ରୀଷ୍ଟମାସ ଟ୍ରି:** ଜାପାନର ଟୋକିଓରେ ରହିଛି ଗିଞ୍ଜା ନାମକ ଏକ ଜିଲା। ଏହି ଜିଲାଟି ଅପ୍ ମାର୍କେଟ୍ ଶପିଂ, ଡାଇନିଂ, ବୁଟିକ୍, ଆର୍ଟ ଗାଲେରୀ, ରେଷ୍ଟୁରାଣ୍ଟ, ନାଇଟ୍ କ୍ଲବ ତଥା କାଫେ ପାଇଁ ବେଶ୍ ଲୋକପ୍ରିୟ। ସୂଚନାନୁଯାୟୀ, ୨୦୧୨ରେ ଏହି ଜିଲାର ଗିଞ୍ଜା ଟୋକିଓ ନାମକ ଏକ ଲକ୍‌ଜୁରୀ ଷ୍ଟୋର୍‌ରେ ପ୍ରାୟ ୭ ଫୁଟ ଉଚ୍ଚତା ବିଶିଷ୍ଟ ସୁନାର ଏକ ଖ୍ରୀଷ୍ଟମାସ ଟ୍ରି ତିଆରି କରାଯାଇଥିଲା, ଯେଉଁଥିରେ ପ୍ରାୟ ୫୦ଟି ଡିଜ୍‌ନୀ କ୍ୟାରେକ୍ଟରକୁ ଡେକୋରେଟ୍ ପାଇଁ ଲଗାଯାଇଥିଲା। ଆଉ ସେହି ଡିଜ୍‌ନୀ କ୍ୟାରେକ୍ଟରଗୁଡ଼ିକ ବି ସୁନାରେ ତିଆରି ହୋଇଥିଲା। ପ୍ରାୟ ୪୦ କି.ଗ୍ରା ଓଜନ ବିଶିଷ୍ଟ ଏହି ଖ୍ରୀଷ୍ଟମାସ ଟ୍ରିକୁ ତିଆରି କରିବାକୁ ୧୦ ଜଣ କାରିଗରଙ୍କୁ ପାଖାପାଖି ଦୁଇ ମାସ ସମୟ ଲାଗିଯାଇଥିଲା। ସେଥିପାଇଁ ଏହାର ଦାମ୍ ପ୍ରାୟ ୪.୨ ମିଲିୟନ୍ ଡଲାର୍ ରହିଥିଲା।

**✻କ୍ରିଷ୍ଟାଲ୍ ଖ୍ରୀଷ୍ଟମାସ ଟ୍ରି:** ୨୦୧୩ରେ ହଂକଂର ଏୟାରପୋର୍ଟ ଗ୍ରାଉଣ୍ଡରେ ପ୍ରାୟ ୫୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ କ୍ରିଷ୍ଟାଲ୍ ଖ୍ରୀଷ୍ଟମାସ ଟ୍ରିକୁ ଲୋକଙ୍କ ଦେଖିବା ନିମନ୍ତେ ରଖାଯାଇଥିଲା ; ଯେଉଁଥିରେ ଲାଗିଥିଲା ଏକାଧିକ ସ୍ୱରଭସ୍କି ଗୋଲ୍ଡ ଓ ସିଲ୍‌ଭର୍‌ର କ୍ରିଷ୍ଟାଲ୍। ଆଉ ସେହି କ୍ରିଷ୍ଟାଲ୍‌ଗୁଡ଼ିକୁ ଅଷ୍ଟ୍ରେଲିଆରୁ କିଣିକି ଅଣାଯାଇଥିଲା। ତେଣୁ ଏହାର ମୂଲ୍ୟ ପ୍ରାୟ ୧.୮ ମିଲିୟନ୍ ଡଲାର୍ ରହିଥିଲା।

**✻ଗିଞ୍ଜା ଟନକା ଗୋଲ୍ଡ ଟେବୁଲ୍ ଟପ୍ ଟ୍ରି:** ଜାପାନର ଏକ ଜୁଏଲେରୀ ଶପ୍ ହେଲା ଗିଞ୍ଜା ଟନକା। ଏହା ନିଜର ୯୦ତମ ବାର୍ଷିକୋତ୍ସବ ଉପଲକ୍ଷେ ୨୦୧୬ରେ ଖ୍ରୀଷ୍ଟମାସ ଟ୍ରି ଶେପ୍‌ର ଏହି ଟେବୁଲ୍ ଟ୍ରି ଟିକୁ ତିଆରି କରାଇଥିଲା ; ଯେଉଁଥିରେ ବ୍ୟବହାର ହୋଇଥିଲା ପ୍ରାୟ ୧୯ କି.ଗ୍ରା ଓଜନର ସୁନା। ଆକର୍ଷଣୀୟ ଲୁକ୍ ଦେବା ପାଇଁ ଏଥିରେ ସୁନାର ସରୁ ସରୁ ତାରକୁ ବି ଛନ୍ଦା ଯାଇଥିଲା। ତେଣୁ ଏହାର ଦାମ୍ ବି ଥିଲା ପ୍ରାୟ ୧.୮ ମିଲିୟନ୍ ଡଲାର୍।



**✻ରୋଜ୍‌ମିନି ଖ୍ରୀଷ୍ଟମାସ ଟ୍ରି:** ପ୍ୟାରିସ୍‌ର ଏକ ଲୋକପ୍ରିୟ ଫୁଲ ବ୍ୟବସାୟ କମ୍ପାନୀ ହେଲା କ୍ଲାଉଡେ କୁଇନ୍‌କ୍ୱାଉଡ୍। ସେହିପରି ଟକ୍‌ସିମାୟା ହେଲା ଏକ ଡିପାର୍ଟମେଣ୍ଟ ଷ୍ଟୋର କମ୍ପାନୀ। ଏହି ଦୁଇଟି କମ୍ପାନୀର ମିଳିତ ଉଦ୍ୟମରେ କିଛିଦିନ ତଳେ କେତେଗୁଡ଼ାଏ ଗୋଲାପ ଫୁଲରେ ଏକ ଆକର୍ଷଣୀୟ ଖ୍ରୀଷ୍ଟମାସ ଟ୍ରି ତିଆରି କରାଯାଇଥିଲା। ଆଉ ଏହି ଟ୍ରିରେ ଖଞ୍ଜା ଯାଇଥିବା ପ୍ରତିଟି ଗୋଲାପ ଫୁଲରେ ଲାଗିଥିଲା ଅଷ୍ଟ୍ରେଲିଆ ଓ ଆଫ୍ରିକାରୁ ଆସିଥିବା ଦାମୀ ହୀରା। ଆକାରରେ ବହୁତ ବଡ଼ ହୋଇ ନ ଥିଲେ ବି ଦେଖିବାକୁ ଏହା ଥିଲା ଖୁବ୍ ସୁନ୍ଦର ; ସେଥିପାଇଁ ଏହାର ବଜାର ମୂଲ୍ୟ ବି ପ୍ରାୟ ୧.୮ ମିଲିୟନ୍ ଡଲାର୍ ରଖାଯାଇଥିଲା।

**✻ଷ୍ଟେଭ୍ କୁଇକ୍ ଗୋଲ୍ଡ ଟେବୁଲ୍‌ଟପ୍ ଟ୍ରି:** ଚିକାଗୋର ଷ୍ଟେଭ କୁଇକ୍ ନାମକ ଏକ ଜୁଏଲେରି ଶପ୍ ୨୦୦୭ରେ ଖ୍ରୀଷ୍ଟମାସ ଟ୍ରି ଶେପ୍‌ର ଏହି ଟେବୁଲ୍ ଟପ୍ ଟ୍ରିକୁ ତିଆରି କରିଥିଲା। ୧୮ କ୍ୟାରେଟ୍ ଗୋଲ୍ଡରେ ନିର୍ମିତ ଏହି ଟ୍ରିରେ ଏକାଧିକ ହୀରା ମଧ୍ୟ ଖଚିତ ହୋଇଥିଲା। ସେହିପରି ଏହି ଟ୍ରିର ଉପରି ଭାଗରେ ଲାଗିଥିବା ତାରା ଆକାରର ପେଣ୍ଡେଣ୍ଟଟି ପ୍ରାୟ ୪.୫୨ କ୍ୟାରେଟ୍‌ର ପ୍ଲାଟିନମ୍ ଓ ହୀରା ଦ୍ୱାରା ତିଆରି ହୋଇଥିଲା। ତେଣୁ ଏହାର ମୂଲ୍ୟ ରହିଥିଲା ପ୍ରାୟ ୫ ଲକ୍ଷ ଡଲାର୍।







# ପଦ୍ମଶ୍ରୀ ବଟକୃଷ୍ଣ



ଚାକିରି ସହିତ ବଳକା ସମୟରେ ଗାଁରେ ରହି କିପରି ଭଲ ରୋଜଗାର ହୋଇପାରିବ ଏଥିପାଇଁ ସେ ଚିନ୍ତା କରୁଥିଲେ। ଏମିତି କିଛି ଯୋଜନା ହୋଇପାରିବ ଯେଉଁଥିରେ କି ନିଜ ପରିବାର ସହିତ ଅନ୍ୟମାନଙ୍କ ପାଇଁ ରୋଜଗାରର ମାଧ୍ୟମ ହୋଇପାରିବେ । ଏଥିପାଇଁ ସେ ଏକ ଖିଆଲ ପଣରୁ ଆରମ୍ଭ କରିଥିଲେ ମାଛ ଚାଷ। କେବଳ ମାଛ ଚାଷ କରୁ ନ ଥିଲେ ଦୀର୍ଘ ୪ ଦଶନ୍ଧି ଧରି ମାଗଣାରେ ମାଛଚାଷ ସମ୍ପର୍କରେ ସେ ଅନେକଙ୍କୁ ତାଲିମ ପ୍ରଦାନକରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଥିପାଇଁ ତାଙ୍କୁ ମିଳିଛି ଦେଶର ସମ୍ମାନଜନକ ପଦ୍ମଶ୍ରୀ ଉପାଧି। ସେ ହେଲେ ବଟକୃଷ୍ଣ ସାହୁ, ଜନ୍ମ ୧୯।୧।୧୯୫୨ମସିହାରେ। ପିତା ଭଜନୀ ସାହୁ, ମା' ରାଜଲକ୍ଷ୍ମୀ। ଘର ଖୋର୍ଦ୍ଧା ଜିଲାର ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସରକଣା ଗ୍ରାମରେ। ସେ କୁହନ୍ତି ସେତେବେଳେ ଭିଙ୍ଗାରପୁର ଶ୍ରୀବକ୍ରେଶ୍ୱର ହାଇସ୍କୁଲରେ ଏକାଦଶ ପାସ୍ କରିଥିଲି। ଏହାପରେ ବିଜେବିରେ ବିଏ ଯାଏ ପଢ଼ିଲି। ୧୯୭୬ମସିହାରେ ପବ୍ଲିକ ସର୍ଭିସ କମିଶନ ପରୀକ୍ଷାରେ ପାସ କରିଥିଲି। ଏଥିଯୋଗୁ ସଚିବାଳୟର ଅର୍ଥ ବିଭାଗରେ ନିଯୁକ୍ତି ପାଇଲି। ଭୁବନେଶ୍ୱରରୁ ଥରେ ଗାଁକୁ ଆସିଥାଏ। ସେଦିନ ଆମ ଗାଁ ପୋଖରୀରୁ ମାଛ ଧରାଯାଇ ପୋଖରୀ ନିକଟରେ ମାଛବିକ୍ରି ହେଉଥିଲା। ଖୁସିରେ ସେଠାକୁ ମାଛ କିଣିବାକୁ ଯାଇଥିଲି। ହେଲେ ପୋଖରୀ ମାଛ ସରିଯାଇଥିଲା। ଫଳରେ ସେଦିନ ଗାଁ ପୋଖରୀର ମାଛ ଖାଇବା ଅବସୋସ ରହିଯାଇଥିଲା। ତା' ପରେ ଚିନ୍ତାକଲି, ଆସନ୍ତା ବର୍ଷରୁ କିପରି ସେହି ପୋଖରୀକୁ ନିଲାମ ନେବି। ଏଥିପାଇଁ ତା'ପରବର୍ଷ ମୋର ଜଣେ ବନ୍ଧୁଙ୍କ ସହ ମିଶି ପ୍ରାୟ ୩ବର୍ଷ ପାଇଁ ଅଧିକ ଟଙ୍କାରେ ସେହି ପୋଖରୀକୁ ନିଲାମ ନେଇଥିଲୁ। ଏଥିପାଇଁ ପ୍ରାୟ ୧୨ହଜାର ଟଙ୍କା ଗ୍ରାମପଞ୍ଚାୟତକୁ ଦେବାକୁ ପଡ଼ିଥିଲା। ନିଲାମ ସିନା ନେଇଗଲୁ ହେଲେ ମାଛଚାଷ କିପରି ହେବ, ମୂଳଟଙ୍କା କିପରି ପାଇପାରିବୁ ଏମିତି ନାନା କଥାରେ ଚିନ୍ତାଘାରିଲା। ଏଥିପାଇଁ (ସିଫା )ମଧୁରଜଳ ମତ୍ସ୍ୟ ଚାଷ ଗବେଷଣା କେନ୍ଦ୍ରରୁ ମାଛଚାଷ ସମ୍ପର୍କରେ ପରାମର୍ଶ ନେଲୁ। ପୁଣି ସେହି ପୋଖରୀରେ ମାଛଚାଷ ବାବଦକୁ ଆହୁରି ୧୨ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ପ୍ରଥମ ବର୍ଷର ମାଛଚାଷରେ ଖର୍ଚ୍ଚ ହୋଇଥିବା ସମସ୍ତ ମୂଳଟଙ୍କାକୁ ମାଛବିକ୍ରିରୁ ପାଇଲୁ। ତା' ପରେ ମିଆଦ ଥିବା ଆଉ ଦୁଇ ବର୍ଷ ମଧ୍ୟରେ ମାଛଚାଷ କରି ଭଲ ଲାଭବାନ ହୋଇପାରିଥିଲୁ। ପରେ ମାଛ ଯାଆଁଳ ଚାଷ ପାଇଁ ମନବଳାଇଥିଲୁ। ସମୟକ୍ରମେ ଗାଁର କିଛି ଜାଗାକୁ କିଣି ୪ଟି ପୋଖରୀ କରିଥିଲୁ ଏବଂ ଅଧିକ ପରିମାଣର ଯାଆଁଳ ଉତ୍ପାଦନ ଯୋଗୁ ଭଲ ଲାଭବାନ ହେଲୁ। ଏ ଭିତରେ ମୋର ଚାକିରି ସହିତ ମାଛଚାଷ ବି ଚାଲିଥାଏ। ମୋର ସହଯୋଗୀ ବନ୍ଧୁ ନୃସିଂହ ଚରଣ ପଣ୍ଡା ଏଥିରେ ବୁଝାଶୁଝା କରୁଥାନ୍ତି। କେବିଏସ ଖୋର୍ଦ୍ଧା ସିଫାର ଜଣେ ମତ୍ସ୍ୟ ଗବେଷକଙ୍କଠାରୁ ପରାମର୍ଶ ନେଇ ସରକାରଙ୍କ ମତ୍ସ୍ୟଚାଷ ବିଭାଗ ତରଫରୁ କିଛି ଆର୍ଥିକ ଅନୁଦାନ ପାଇଥିଲୁ। ପରେ ୧୯୮୯/୯୦ରେ ୨ଏକର ଧାନ ଚାଷ ଜମିକୁ ଫିସ୍‌ଫାର୍ମ ଡେଭଲପମେଣ୍ଟ ଯୋଜନାରେ ପ୍ରାୟ ୨୫ହଜାର ଟଙ୍କା ଋଣ ଆଣି ୫ଟି ପୋଖରୀ ଖୋଳିଥିଲି। ଏଥିରେ ଯାଆଁଳ ଚାଷ କରିଲୁ । କିନ୍ତୁ ଗାଁ ପାଖରେ ରହିଥିବା ୪ ଏକର ପୈତୃକ ଜମିକୁ ବଦଳକରି ତା' ବଦଳରେ ଗାଁଠାରୁ ଦୂରରେ ରହିଥିବା କିଛି ଜମିକୁ ରଖିଲୁ। ପ୍ରାୟ ୭ ଗୁଣ୍ଠ ଜାଗାର ପରୀସିମାରେ ଏକ ଛୋଟ ପୋଖରୀ କରି ଏଠାରେ ପ୍ରଥମେ ଚାଇନା ରୋହି ଯାଆଁଳ ଛାଡ଼ିଥିଲୁ। ମାଛର ଡିମ୍ବ ସହ ବିଭିନ୍ନ ଉପକରଣ ଆଣିଲୁ, ମାଛକୁ ଇଞ୍ଜେକ୍ସନ ଦେଲୁ। ଏଠାରେ ସୃଷ୍ଟି ହେଉଥିବା ମାଛ ଯାଆଁଳ ଚାହିଦା ଧୀରେ ଧୀରେ ବଢ଼ିଲା। ଅନ୍ୟପକ୍ଷେ ବଡ଼ ବର୍ଷା ହେଲେ ପାଣି ବଢି ହାପାର କନାକୁ କଙ୍କଡ଼ା ଓ ଚିଙ୍ଗୁଡ଼ି କାଟି କ୍ଷତି କରିବାର ଅଧିକ ଆଶଙ୍କା ରହିଥାଏ। ଏଥିପାଇଁ ସିଫାର ମତ୍ସ୍ୟଚାଷ ଗବେଷକମାନଙ୍କ ସାହାଯ୍ୟ ନେଲୁ। ଆଉ ସିଫାରୁ ତାଲିମ ବି ନେଲି। ୧୯୯୫ମସିହାରୁ ହାଚେରି ପାଇଁ ୧ଲକ୍ଷ ୬୦ହଜାର ଟଙ୍କା ଋଣ ଆଣି ସେଥିରେ ଖର୍ଚ୍ଚକରି କେତୋଟି କୁଣ୍ଡ ତିଆରି କରିବା ସହିତ ୧୦ଟି ପୋଖରୀ ଖୋଳିଥିଲୁ। ସେଥିରେ ପ୍ରାୟ ୪ରୁ୫ କୋଟି ଯାଆଁଳ ଉତ୍ପାଦିତ ହୋଇପାରିଲା। ଏହାପରେ ଅନ୍ୟ ପୋଖରୀରେ ପ୍ରାୟ ୨୦କୋଟି ଯାଆଁଳ ଉତ୍ପାଦନ ହୋଇପାରିଲା। ମାଛଚାଷରୁ ବର୍ଷକୁ ପ୍ରାୟ ୧୫ରୁ ୨୦ଲକ୍ଷ ଟଙ୍କା ଲାଭବାନ ହୋଇପାରୁଛୁ। ସରକଣା ଓ ଲୁଣାମୌଜାରେ ଆମର ପ୍ରାୟ ୧୬ଟି ପୋଖରୀ ଅଛି। ହାଚେରିରେ ପ୍ରାୟ ୧୫ଜଣ ଶ୍ରମିକ କାମ କରି ସେମାନେ ନିଜର ପରିବାର ପ୍ରତିପୋଷଣ କରିପାରୁଛନ୍ତି। ମୋର ୩ପୁଅ ଏବଂ ମୋର ସହଯୋଗୀ ନୃସିଂହ ପଣ୍ଡାଙ୍କର ୨ପୁଅ ମାଛଚାଷ ପାଇଁ କାମକରିବା ସହିତ ମତେ ସହଯୋଗ କରିଥାନ୍ତି। ତେବେ ମାଛ ଚାଷ ସମ୍ପର୍କରେ ଯାହା ଜାଣିପାରିଛି ତାହାହେଲା ଯେଉଁ ପୋଖରୀରେ ସବୁ ସମୟରେ ପାଣିର ସୁବିଧା ଥିବ, କଳାମାଟି କିମ୍ବା ଦୋରସାମାଟି ଥିବ ସେହି ପୋଖରୀରେ ମାଛ ଯାଆଁଳଙ୍କୁ ଖାଦ୍ୟ ଦେଲେ ଶୀଘ୍ର ବଢ଼ିଥାନ୍ତି। ପୁଣି ମାଛଚାଷ ପାଇଁ ପୋଖରୀର ପାଣି, ମାଟି ଓ ଖାଦ୍ୟର ମାନକୁ ପରୀକ୍ଷଣ କରାଯିବା ପାଇଁ ପ୍ରଶିକ୍ଷଣ ନେବାର ଆବଶ୍ୟକତା ରହିଛି। ଏସବୁ ବାଦ ମାଛଚାଷ ସମ୍ପର୍କରେ ତାଲିମ ଦେବା ପାଇଁ ବିଭିନ୍ନ ସ୍ଥାନକୁ ଯାଇଥାଏ। ଯଥା–ପୁରୀ, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଗଞ୍ଜାମ ଓ ଜଗତସିଂହପୁର ଆଦି ଜିଲାର କେତେକ ଅଞ୍ଚଳର ମାଛଚାଷୀମାନଙ୍କୁ ମାଛ ଯାଆଁଳ ଉତ୍ପାଦନ ଏବଂ ମାଛଚାଷ ବିଷୟରେ ତାଲିମ ଦେଇଥାଏ। ମାଛଚାଷ ଯୋଗୁ ୨୦୦୦ମସିହାରେ ସିଫାରୁ, ଉଷାପୂର୍ଣ୍ଣ ମେମୋରିଆଲ ଟ୍ରଷ୍ଟ, କୃଷକ ସମାଜ କଟକ ସମେତ ବହୁ ଅନୁଷ୍ଠାନରୁ ପୁରସ୍କୃତ ହୋଇପାରିଛି। ତେବେ ପଦ୍ମଶ୍ରୀ ପୁରସ୍କାର ପାଇବା ଖବର ପ୍ରଥମେ ଫୋନରେ ମୋ ପାଖକୁ ବାର୍ତ୍ତା ଆସିଥିଲା ସେତେବେଳେ ଫାର୍ମହାଉସରେ ଖାଇବାକୁ ଯାଉଥିଲି। ଏହି ପୁରସ୍କାର ପାଇଁ ପୂର୍ବରୁ ସିଫାର ଡକ୍ଟର ପିସି ଅନନ୍ତ ମତ୍ସ୍ୟଚାଷ ଗବେଷକ ମୋ ନାମକୁ ସରକାରଙ୍କ ନିକଟକୁ ପଠାଇଥିଲେ। ଏକଥା ସବୁଦିନ ମୋର ଅଭୁଲା ରହିଥିବ। ଏମିତିରେ ପ୍ରାୟ ୪୦ବର୍ଷ ଧରି ମାଗଣାରେ ମାଛ ଚାଷ ସମ୍ପର୍କରେ ଏକ ହଜାରରୁ ଊର୍ଦ୍ଧ୍ୱ ଆଗ୍ରହୀ ମତ୍ସ୍ୟଚାଷୀଙ୍କୁ ତାଲିମ ଦେଇଆସୁଛି। ଆଉ ଜଣେ ସଫଳ ମତ୍ସ୍ୟଚାଷୀ ଭାବେ ନିଜକୁ ପରିଚିତ କରାଇ ପାରିଛି। ମାଛଚାଷରେ ସ୍ୱାବଲମ୍ବୀ ଯୋଗୁ ପଦ୍ମଶ୍ରୀ ସମ୍ମାନ ମିଳିଛି। ଏହା ମତେ ଆତ୍ମସନ୍ତୋଷ ଦେଇଛି।

–ବନବିହାରୀ ବେହେରା














# କାକରରେ ସୂର୍ଯ୍ୟ

-ମିନାକ୍ଷୀ ତ୍ରିପାଠୀ

ବିଦେଶକୁ ପାଠ ପଢିବାକୁ ଗଲା ଦିନ ଗାଁ ଇଷ୍ଟଦେବୀ ଅନ୍ଧାରିବୁଢ଼ୀ ମନ୍ଦିରରେ ପୂଜା ସାରି କୁନ୍ତୀ କହିଥିଲେ, ଚାକିରୀ କରି ଯେବେ ପ୍ରଥମ କରି ଗାଁକୁ ଆସିବୁ ଅଭାବୀ ଲୋକଙ୍କୁ ଅନ୍ନ, ବସ୍ତ୍ର ବାଣ୍ଟିବୁ। ମୁଁ ମାନସିକ କରିଛି। ନାମୀଦାମୀ କମ୍ପାନୀର ମୁଖ୍ୟ ଅଧିକାରୀ ଭାବରେ ଚାକିରି ପାଇଥିବା ହେମନ୍ତ ବାବୁଙ୍କର ଆଜି ଗାଁ ପ୍ରବେଶ। ଆଗରୁ ଚାଲିଛି ମନ୍ଦିରରେ ବିପୁଳ ଆୟୋଜନ। ଡିସେମ୍ବରର ଶୀତ। ଖରା ମାଡି ଆସିଲାଣି ଦେଉଳ ଡେଇଁ ରାସ୍ତାକୁ। ପୂଜାରୀ କହିଛନ୍ତି ପ୍ରଥମେ କମ୍ବଳ ବାଣ୍ଟି ମନ୍ଦିରରେ ହେଉଥିବା ପୂଜାରେ ବସିବା ପାଇଁ। ପୂଜା ସରିବା ଯାଏଁ ଲୋକେ ଅପେକ୍ଷା କରିବା କଷ୍ଟ। ମନ୍ଦିରବାହାରେଅଭାବୀଲୋକଙ୍କଭିଡ଼।ଧାଡିରେଠିଆହୋଇଥିବାସବୁମଣିଷଙ୍କହାତକୁ ବସ୍ତ୍ର , କମ୍ବଳ ଓ ଟଙ୍କା ଖାମ୍ ବଢେଇ ଦେଉଥିଲା ବେଳେ ଚମକି ପଡିଲେ ହେମନ୍ତ ବାବୁ । 'ଏ କ'ଣ ମାଆ, ତୁମେ ଧାଡ଼ିରେ ହାତ ମେଲେଇ ଠିଆ ହୋଇଛ! ପୁଅ ତ ଗୋଟାପଣେ ତୁମର। ପୂଜାର କର୍ତ୍ତୀ ତୁମେ ପରା! ଲୁହ ଭର୍ତ୍ତି ହୋଇଯାଇଥିଲା ହେମନ୍ତ ବାବୁଙ୍କ ଆଖିରେ ମାଆଙ୍କୁ ଭିଡ ଭିତରେ ଦେଖି। ବାପାଙ୍କ ହାତ ମୁଣ୍ଡ ଉପରୁ ଉଠିଗଲା ଯେବେ ବାଳୁତ ହେମନ୍ତ ଅନାଥ ହୋଇଗଲେ ବୋଲି ଯେଉଁ ଧାରଣା ବାହାର ଲୋକ କରିଥିଲେ ତାକୁ ଭୁଲ ପ୍ରମାଣିତ କଲେ ମାଆ କୁନ୍ତୀ। ଜମି କେଇ ମାଣକୁ ନିଜ ହାତରେ ଚଷି ପୁଅର ପାଠପଢ଼ା କଥା ସୁରୁଖୁରୁରେ ଚଳେଇ ନେଲେ। ସମସ୍ୟା ହେଲା ପୁଅ ଦେଶ ବାହାରେ ପଢିଲା ପରେ। ଜମି ବିକ୍ରୀବଟାରେ ସବୁ ସେଥିରେ ସରିଗଲା। ପୁଅକୁ କହି ମନଦୁଃଖ କରେଇବାକୁ କେଉଁ ମାଆ ଭଲା ଚାହିଁବ! ଚିଠିରେ ହେଉ କି ଫୋନରେ 'ଦେହକୁ ଜଗି ପାଠ ପଢୁଥାଆରେ ବାବୁ' ବୋଲି କହିବା ବାଦ କିଛି କ'ଣ ଜଣେଇ ପାରୁଥିଲେ ତାଙ୍କୁ !!

ସେହି ଭିଡରେ ଛୋଟ ଛୁଆ ଭଳି ଭୋ ଭୋ କାନ୍ଦୁଥିଲେ ହେମନ୍ତ ବାବୁ। ଲୁହ ପୋଛୁଥିଲେ କୁନ୍ତୀ । ବାପା ଏକୁଟିଆ କରି ଗଲାବେଳେ ମାଆକୁ କାନ୍ଦୁଥିବା ଦେଖି ଛୋଟ ହେମନ୍ତ ରାହାଧରି କାନ୍ଦୁଥିଲେ ବୋଲି ମାଆ କାନ୍ଦି ପାରି ନ ଥିଲେ। ଆଜି ମାଆ ପୁଅ ଦୁହେଁ କାନ୍ଦୁଛନ୍ତି ମନ୍ଦିର ବାହାରେ ଶହଶହ ଲୋକଙ୍କ ଆଗରେ । ପୁଅର ଲୁହ ପୋଛି ଦେଉ ଦେଉ ମାଆ କହିଲେ,'ବିଦେଶ ଯାଇ ପୁଅ ଆଉ ଫେରେନି ଶୁଣି ଶୁଣି ତୋ ମାଆ କାଙ୍ଗାଳୀ ହୋଇଯାଇଥିଲାରେ ଧନ। ଆଜି ମାଆ କହିଥିବା କଥାଟି ମାନି ହାତ ଖୋଲି ଦାନ ଦେଉଛୁ, ତାକୁ ମୁଁ ନ ନେଇ କିପରି ରହିଥାନ୍ତି। ତୋ ଦାନରେ ତୋର ଏଇ କାଙ୍ଗାଳୀ ମାଆ ପୂର୍ଣ୍ଣ।' ଶୀତ ସକାଳଟି ଏକ ଅଦ୍ଭୁତ ଉଷ୍ମତାରେ ସୁନ୍ଦର ଲାଗୁଥିଲା। ଉପସ୍ଥିତ ସମସ୍ତଙ୍କ ଆଖିରେ ଚିକ୍‌ଚିକ୍ କରୁଥିଲା ଖୁସିର ଲୁହ।

-ଫୁଲନଖରା, ଖୋର୍ଦ୍ଧା
ମୋ: ୯୯୩୭୨୯୦୫୦୬

## ଇସ୍ତାହାର

ଶୀତ ଏକ ଶ୍ୱେତ ସମ୍ଭାବନା
ଏକ ମଧୁର ବିଦ୍ରୋହ
ବିଦ୍ରୁପ କି ବିଭବ କେଜାଣି
ପ୍ରକୃତିର ସାନ୍ଦ୍ର ମନୋଭାବ ... ।

ଦେଖ ତୁମେ ଯେମିତି ଆସୁଚ ଆସ
ମୁଁ ଜମା ଉତ୍ସୁକୀ ନୁହେଁ
ଡରି ପାରେନା ଜମା ତୁମ କୋହଲା ମନକୁ
ଧରି ପାରେନା ତୁମ ଧଳା ଡେଣାକୁ
ମୁଁ ବାସ୍ ମୋ' ଭଳି ରହିଥାଏ
ବାଢୁଥାଏ ଉଦାସୀନତାକୁ ।

ନିଅ କି ନ ନିଅ
ବେପରୁଆ ରହିଥାଏ ସବୁଦିନ।
ଶୀତ ଦିନେ ବର୍ଷୁକୀ ହୁଏ ଆଖି
କଡ଼ ଲେଉଟାଏ ଦୀର୍ଘଶ୍ୱାସ
କୁହୁଡିଆ ଛାତିତଳେ ।

ରକ୍ତଗୋଲାପ କି ତୁଳସୀ ସ୍ତବକ
ଯାଚୁଥାଏ କିଏ ବା କାହାକୁ ...
ତୁମେ ମନେଇବା ଚେଷ୍ଟାରେ
ମୁଁ ମୁକୁଳା ମନରେ
ସଜାଡୁଥାଏ ପରସ୍ତ ପରସ୍ତ।
ସମ୍ପର୍କ ଆଜୀବନ ଆମର
ତୁମେ ତୁମ ଭଳି
ମୁଁ ଇସ୍ତାହାର ଲେଖୁଥାଏ କେବଳ।

**-ବନ୍ଦିତା ଦାଶ,** କାଂଶବାହାଲ
ମୋ: ୮୦୧୮୦୯୮୯୨୮

## ମିତ ପାଇଁ ଶୀତ ଗୀତ

ଏଥରକ ଶୀତରେ ସବୁରି ଘରେ
ଉମ୍ଫେଇ ନିଆଁ ଘରେ
ହେଲେ ତୋ ଛାତିର ଉଷୁମ ଆଗରେ
କୋଉ ଉମ୍ଫେଇ ନିଆଁ ଜିତିବ ଯେ ?
ମୁଁ ଆସ୍ଥା ଜମେଇ ବସିବି...
ଏମିତିରେ ବି ଶୀତ କ'ଣ
ତୋ'ଠୁ ଅଧିକ ଛୁଇଁ ପାରିଛି ମୋତେ !
ନା ଲୁହଠୁ ଅଧିକ ଭିଜେଇ ପାରିଛି କାକର ?
ନା ତୋଛଡା ଆଉ କାହାକୁ
କରିପାରୁଛି ମୁଁ ନିଜର ...

**-ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ**
ଚାଟିଗୁଡା,ମେଦେନା,ଡାବୁଗାଁ, ନବରଙ୍ଗପୁର
ମୋ: ୮୩୨୮୯୪୨୭୦୪

## ଶୀତର ସ୍କେଚଟିଏ...

ଅଲୋଡ଼ା ଭାବି
ଫିଙ୍ଗି ଦେଇଛ ଯେ ଚାଦର ,
ଏକା ମାଘେ କ'ଣ ସରିଯାଏ ଶୀତ ?
ବାରମ୍ବାର ଆସିବ ସେ,
ପୁଣି ଖୋଜିବ ଉଷ୍ମତା ଏ ଶରୀର,ଏ ମନ,
ଇଚ୍ଛାହେବ ଶୀତସଙ୍ଗେ ବସିବାକୁ ମିତ !


ହଁ, ବଜାରରେ ଭଳିଭଳି ହଜାରେ ମିଳିବ
ହେଲେ ଥିବକି ସେଇ ନିର୍ଦ୍ଦିଷ୍ଟ ଚାଦରର ଉଷ୍ମତା,
ନିରୋଳା ପ୍ରେମର ସେ ମହମହ ବାସ୍ନା ?
ନା ଥିବ ସେ ଆଶ୍ଳେଷି ନେବାର ଅଙ୍ଗୀକାର,
ନା ଆପଣେଇ ନେବାର ସେ
ମଧୁବୋଳା ହାତ !
ମନେରଖ, ଏକାମାଘେ ସରେ ନାହିଁ ଶୀତ !!

ଯେବେ ଲୋଡ଼ିବ ପରାଣ
ପାଇବାକୁ ସେ ଆପଣାର ସ୍ପର୍ଶ
ସେବେ କିଛି ବି ନ ଥିବ,
ଥିବଯାହା ଖାଲି ମୁଠାମୁଠା ଶୂନ୍ୟତାର
ଦୃପ୍ତ ହା ହା କାର,
ହାତ ମୁଠାରେ ପାଇ ହରେଇଦେବାର
ତୀବ୍ର ବ୍ୟାକୁଳତା...
କିନ୍ତୁ ବାର୍ ବାର୍ ଆସୁଥିବ ଏ ଶୀତ !!!

**-ସୁନନ୍ଦା ବି ମହାପାତ୍ର,**
ବାଙ୍ଗାଲୋର
ମୋ: ୭୦୦୮୫୧୩୯୧୩











# ସ୍ମୃତିରେ... ୨୦୨୧

ସମୟ ବିତି ବିତି ଯାଉଛି। ଅନେକ ଘଟଣା ଦୁର୍ଘଟଣାରେ ଭରା ବର୍ଷ ୨୦୨୧କୁ ବିଦାୟ ଦେଇ ନୂଆ ଏକ ବର୍ଷକୁ ସ୍ୱାଗତ କରିବା ପାଇଁ ସମସ୍ତେ ଏବେ ବ୍ୟଗ୍ର। ତଥାପି ରହି ରହି ମନେ ପଡିଯାଉଛି ପୁରୁଣା ଘଟଣାସବୁ। ଠିକ୍ ସେହିଭଳି ବର୍ଷ ଶେଷ ପର୍ଯ୍ୟାୟରେ ଯେତେବେଳେ ଛୁଟିଦିନର ପୁରୁଣା ଫର୍ଦ୍ଦ ସବୁ ଲେଉଟାଉଛୁ ମନେ ପଡିଯାଉଛି ଅନେକ ସ୍ମୃତି। ସେହି ସ୍ମୃତିରୁ କିଛି....







**ପ୍ରଚ୍ଛଦପ୍ରସଙ୍ଗ:** ପ୍ରାସଙ୍ଗିକ ଘଟଣା ସହ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ସବୁ ବର୍ଗର ଲୋକଙ୍କ ମନକୁ ଛୁଇଁଲା ଭଳି ବିଷୟବସ୍ତୁ ଭରି ରହିଥିଲା ପ୍ରଚ୍ଛଦ ପ୍ରସଙ୍ଗରେ। ସେଥିରୁ କିଛିକୁ ଆଉ ଥରେ ମନେପକାଇନେବା...

**ଆଳତି:** ହିନ୍ଦୁଧର୍ମରେ ଆଳତିର ରହିଛି ସ୍ୱତନ୍ତ୍ର ସ୍ଥାନ। ଆଳତି ସମୟର ଘଣ୍ଟଘଣ୍ଟା , ଶଙ୍ଖଧ୍ୱନୀ, ମନ୍ତ୍ରପାଠ କେବଳ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ ନାହିଁ। କିଛି କ୍ଷଣ ପାଇଁ ହେଉ ପଛେ ମନକୁ ପରମାତ୍ମାଙ୍କ ସହ ତଲ୍ଲୀନ କରିଦିଏ। ଆମ ପରମ୍ପରା, ସଂସ୍କୃତି ସହିତ ଜଡିତ ଆଳତି ସମ୍ପର୍କରେ ଅନେକ ଜଣା ଅଜଣା ଓ ଶିକ୍ଷଣୀୟ ବିଷୟ ଥିଲା ଏହି ପ୍ରଚ୍ଛଦରେ।

**ଭାଇଚାରାରେ ହୋଲି:** ଏମିତି ଅନେକସ୍ଥାନ ଅଛି ଯେଉଁଠି ହିନ୍ଦୁମାନଙ୍କ ରଙ୍ଗର ପର୍ବ ହୋଲିକୁ ବେଶ୍ ଧୁମ୍‌ଧାମ୍‌ରେ ଉଭୟେ ହିନ୍ଦୁ ଓ ମୁସଲାମ ଭାଇମାନେ ପାଳନ କରନ୍ତି। ସେହି ସବୁ ସ୍ଥାନର ହୋଲି ଖେଳକୁ ନେଇ ଏହି ଆଲେଖ୍ୟ ଭାଇଚାରାର ବାର୍ତ୍ତାବହନ କରୁଥିଲା।

**ମହିଳା ଓ ମୁଖାଗ୍ନି:** ଦେହାନ୍ତ ପରେ ମରଶରୀରକୁ କିଏ କବର ଦିଅନ୍ତି ତ କିଏ ଅଗ୍ନିରେ ଦାହ କରନ୍ତି। ଏହି ସଂସ୍କାର କାହିଁ କେଉଁକାଳରୁ ପୁଅମାନେ ସମାପନ କରିଆସୁଥିବାବେଳେ କେଉଁଠି କେଉଁଠି ଝିଅମାନେ ବି ମୁଖାଗ୍ନି ଦେବାର ନଜିର ଦେଖିବାକୁ ମିଳୁଛି। ସମାଜରେ ବଦଳୁଥିବା ଧାରାକୁ ନେଇ ଏହି ପ୍ରଚ୍ଛଦପ୍ରସଙ୍ଗ ବେଶ୍ ଉଚ୍ଚକୋଟୀର ଥିଲା।

**ଲିଭିଯାଇଛି ଶୈଶବର ହସ:** ବୟସ ହସି ଖେଳି ବୁଲିବାର। ହେଲେ ଭାଗ୍ୟ ଖେଳିଛି ସେମାନଙ୍କ ସହ ବଡ଼ ଦାରୁଣ ଖେଳ। ବୁଝିବା ଶୁଝିବା ବୟସ ହେବା ପୂର୍ବରୁ ଦାରୁଣ ଅଦୃଶ୍ୟ ଭୂତାଣ ଛଡେଇ ନେଇଛି ସେମାନଙ୍କ ଉପରୁ ବାପାମା'ଙ୍କ ହାତ। ହଜିଯାଇଛି ସେମାନଙ୍କ ନିରୀହ ନିଷ୍ପାପ ଓଠରୁ ହସ। କରୋନାର ଏହି କରୁଣ କାହାଣୀ ଥିଲା ବେଶ୍ ହୃଦୟ ବଦାରକ।

**କଥା କାର୍‌ଗିଲର:** ପାକିସ୍ତାନୀ ସୈନ୍ୟ କାର୍‌ଗିଲ ସେକ୍ଟରରେ ଥିବା ଭାରତୀୟ ସୀମାକୁ ଉଲ୍ଲଘଂନ କରି ତାକୁ ଅକ୍ତିଆର କରିନେଇଥାଆନ୍ତି। ସେମାନଙ୍କୁ ପାଲଟା ଜବାବ ଦେବା ପାଇଁ ଆରମ୍ଭ ହୋଇଥିଲା କାର୍‌ଗିଲ ଯୁଦ୍ଧ। ଆଉ ଶେଷରେ ଭାରତୀୟ ଯବାନ ଭାରତ ମାତା ମଥାରେ ପିନ୍ଧାଇଥିଲେ ବିଜୟର ତିଳକ। ଯା' ମଧ୍ୟରେ ବିତିଗଲାଣି ୨୨ ବର୍ଷ। ହେଲେ ଏବେବି ଯୁଦ୍ଧଭୂମିରୁ ସୁରକ୍ଷିତ ଫେରିଥିବା ବୀର ଯବାନଙ୍କ ମନରୁ ଲିଭିନି ତା'ର ସ୍ମୃତି। ଆଉ ସେଇ ସ୍ମୃତିସବୁ ଥିଲା ଉକ୍ତ ପ୍ରଚ୍ଛଦରେ।

**ମହାପ୍ରଭୁଙ୍କ ସେବାରେ ବାଳକ:** ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଦାରୁଦିଅଁଭାବେ ଜଗତେ ଖ୍ୟାତ। ସେ ଯେପରି ଅନନ୍ୟ, ତାଙ୍କ ନୀତିକାନ୍ତି ବି ସେପରି ସ୍ୱତନ୍ତ୍ର। ତାଙ୍କ ସେବାରେ କେବଳ ବୟସ୍କ କି ଯୁବକ ନୁହନ୍ତି ବାଳକ ବି ସାମିଲ ହୁଅନ୍ତି। ସେହି ସେବା ସମ୍ପର୍କରେ ଅନେକ ରୋଚକ ତଥ୍ୟ ଥିଲା ଏହି ଆଲେଖ୍ୟରେ।

**ଗାନ୍ଧୀ ପଥର ପଥିକ:** ଗାନ୍ଧିଜୀଙ୍କୁ କିଏ ତାଙ୍କ ଜୀବନଶୈଳୀରୁ ବୁଝିଲେ ତ କିଏ ତାଙ୍କ ବସ୍ତ୍ର ପିନ୍ଧିବାରୁ ବୁଝିଲେ। ହେଲେ ଗାନ୍ଧୀ ଚିନ୍ତାଧାରା ଆସ୍ତେ ଆସ୍ତେ ଗୌଣ ହୋଇଗଲା। ତଥାପି କିଛି ଗାନ୍ଧୀ ଆଦର୍ଶର ମଣିଷ ଅଛନ୍ତି, ଯେଉଁମାନେ ତାଙ୍କ କଥାକୁ ନେଇ, ତତ୍ତ୍ୱକୁ ନେଇ ନୀରବ ସଂଗ୍ରାମ କରିଚାଲିଛନ୍ତି। ସେମାନଙ୍କ ଜୀବନ କାହାଣୀ ଥିଲା ବେଶ୍ ଶିକ୍ଷଣୀୟ।

**ମା' ହାତରେ ମା':** ମା'ଙ୍କ ଆବାହନୀ ପାଇଁ ସଜେଇ ହେଲାଣି ଧରା। ଶିଳ୍ପୀ ଦେଲେଣି ମୂର୍ତ୍ତିରେ ଶେଷସ୍ପର୍ଶ। ତେବେ ପୁରୁଷ ମୂର୍ତ୍ତି କାରିଗର ବଦଳରେ କେତେଜଣ ମହିଳା ମୂର୍ତ୍ତି କାରିଗର ରୂପ ଦେଉଛନ୍ତି ମା'ଙ୍କୁ। ସେହି ମହିଳା କାରିଗରଙ୍କ ଅନୁଭବର କଥା ଥିଲା ଏଥିରେ।

**ଲାଇଫ୍ ଷ୍ଟାଇଲ୍:** ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡକୁ ପାଠକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି ପୃଷ୍ଠାରେ ପ୍ରୟାସ କରାଯାଇଥିଲା।

**ବ୍ୟକ୍ତିତ୍ୱ:** ଓଡ଼ିଶାର ବଳିଷ୍ଠ ବ୍ୟକ୍ତିତ୍ୱଙ୍କ ପ୍ରେରଣାଦାୟକ ଜୀବନୀ, ସେମାନଙ୍କ ସଂଘର୍ଷର କାହାଣୀ ଥିଲା ଉକ୍ତ ପୃଷ୍ଠାରେ।

**ସୃଜନ:** ଭିନ୍ନ ଏକ ଦୁନିଆରେ ହଜାଇ ଦେବା ଭଳି ଗପ ଓ କବିତାର ସମ୍ଭାର ଥିଲା ସୃଜନ ପୃଷ୍ଠାରେ।

**ସିନେମା:** ବଲିଉଡ, ଓଲିଉଡ୍ ପୁଣି କେବେ କେବେ ଟଲିଉଡ୍‌ର ଗସିପ୍, ନୂଆ ରିଲିଜ୍ ସହ ସେଲିବ୍ରିଟିଙ୍କ ଜୀବନର କିଛି ଅଜଣା କଥା ଥିଲା ସିନେମା ପୃଷ୍ଠାରେ।

**ସାଥୀ/ପ୍ରଥମ ରୋଜଗାର:** ପ୍ରେମ, ବିରହର ଅନେକ ପ୍ରଶ୍ନର ଉତ୍ତର ସାଥୀ ଦେଇଥିଲେ। ଆଉ ଓଡିଶାର ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଥମ ରୋଜଗାରର ଆନନ୍ଦମୟ ମୁହୂର୍ତ୍ତକୁ ପାଠକଙ୍କୁ ଜଣାଯାଇଥିଲା ପ୍ରଥମ ରୋଜଗାର ସ୍ତମ୍ଭରେ।

**ମଡେଲ ମିରର୍:** ଓଡ଼ିଶାର ଅନେକ ଷ୍ଟାଇଲିଶ୍ ଓ ଆକର୍ଷକ ମଡେଲଙ୍କ ଫଟୋ ଏହି ପୃଷ୍ଠାର ଶୋଭା ବଢାଉଥିଲା। ତା'ସହ ହାଃ ହାଃର ମଜାଦାର୍ ଜୋକ୍ସ ଓଠରେ ହସ ଫୁଟାଇଥିଲା।

**ସହରଠୁ ଦୂର:** ବୁଲିବାର ସଉକ ରଖୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଏହି ପୃଷ୍ଠା। ବିଭିନ୍ନ ମନୋରମ ସ୍ଥାନର ସମ୍ପୂର୍ଣ୍ଣ ବିବରଣୀ ସହ କେମିତି ଓ କେବେ ଯିବେ, କ'ଣ କ'ଣ ଦେଖିବେ, କ'ଣ ସାଥୀରେ ଆଣିପାରିବେ ସବୁକିଛି ଏହି ପୃଷ୍ଠାରେ ପାଠକଙ୍କୁ ଅବଗତ କରାଯାଇଥିଲା।

**ବିବିଧା/କାର୍ଟୁନ କର୍ନର:** ନିଆରା ଘଟଣା, ଅଜବ କଥାକୁ ନେଇ ବିବିଧା ପୃଷ୍ଠା ହୋଇଥିଲା ଖାସ୍। ତାସହ କାର୍ଟୁନ କର୍ନରର ମଜାଦାର କାର୍ଟୁନ ସମସ୍ତଙ୍କ ମନ ଜିଣିଥିଲା।

**ଚିନ୍ମୟ ଚିନ୍ତନ:** ଜୀବନକୁ ସହଜ କରିଦେବା ଭଳି ଧାର୍ମିକ ଚିନ୍ତା ଓ ଚେତନା ଥିଲା ଏହି ପୃଷ୍ଠାରେ।

**କଥାଚାଟ୍/ସେଲିବ୍ରିଟି ସିକ୍ରେଟ୍:** ଚଳିତ ବର୍ଷ ଆରମ୍ଭ ହୋଇଥିଲା ଏହି ଦୁଇ ନୂଆ ସ୍ତମ୍ଭ। ଆମ ପାରିପାର୍ଶ୍ୱରେ ଘଟୁଥିବା କିଛି ଘଟଣାକୁ ବ୍ୟଙ୍ଗାତ୍ମକଶୈଳୀରେ ଉପସ୍ଥାପନା କରାଯାଇଥିଲା କଥାଚାଟ୍‌ରେ। ଯାହାକୁ ପାଠକେ ବହୁତ ପସନ୍ଦ କରିଥିଲେ। ସେହିଭଳି ସେଲିବ୍ରିଟି ସିକ୍ରେଟ୍ ପୃଷ୍ଠାରେ ପାଠକେ ନିଜ ପ୍ରିୟ ସେଲିବ୍ରିଟିଙ୍କ ଜୀବନର ଅନେକ ଅଜଣା କଥା ଜାଣିବାକୁ ପାଇଥିଲେ।

**ବ୍ୟାକପେଜ୍:** ପାଠକଙ୍କ ମନକୁ ଛୁଇଁଲା ଭଳି ଛୋଟ ଛୋଟ କିନ୍ତୁ ଚକିତ କରିଦେବା ଭଳି ଘଟଣା ଉପସ୍ଥାପନ ହୋଇଥିଲା ଛୁଟିଦିନର ଶେଷପୃଷ୍ଠାରେ।







## ପ୍ରଥମ ରୋଜଗାର



ଯୁବ ରେଡକ୍ରସ୍ ଅଧିକାରୀ ତଥା ସାହିତ୍ୟିକ **ଡ. ଅଜୟ କୁମାର ତ୍ରିପାଠୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଉପାର୍ଜିତ ଅର୍ଥରେ ବହି କିଣିଥିଲି

୧୯୯୨ ମସିହାର ଏକ ଶୀତୁଆ ସନ୍ଧ୍ୟା। ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ମୁଁ ଫେରି ଆସିଥାଏ ମୋ ସହର ଛତ୍ରପୁରକୁ। ହଠାତ୍ ଡାକରା ଆସିଲା ବ୍ରହ୍ମପୁର ଆକାଶବାଣୀରୁ କବିତା ପଢ଼ିବା ନିମନ୍ତେ। ଏଠାରେ କହି ରଖିବାକୁ ଚାହେଁ ଯେ, ପାଠପଢ଼ା ସାଙ୍ଗକୁ ଗପ, କବିତା ଲେଖିବା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେବା ତଥା ନାଟକ ଭଳି କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ବି ମୋର ସେତେବେଳେ ବେଶ୍ ଆଗ୍ରହ ରହିଥାଏ। ଏଥିସହିତ କିଛି ଜଣାଶୁଣା ବ୍ୟକ୍ତିତ୍ୱଙ୍କ ସହ ମୋର ପରିଚୟ ବି ହୋଇଥାଏ। ସେମିତି ଜଣେ ବ୍ୟକ୍ତି ହେଲେ ବ୍ରହ୍ମପୁର ଆକାଶବାଣୀର ତତ୍କାଳୀନ ଆସିଷ୍ଟାଣ୍ଟ ଡାଇରେକ୍ଟର ହୃଷୀକେଶ ପାଣିଗ୍ରାହୀ। ତାଙ୍କଠାରୁ କବିତା ପଢ଼ିବା ନିମନ୍ତେ ନିର୍ଦ୍ଦେଶ ପାଇବା ପରେ ମୁଁ ପୁଲକିତ ହୋଇ ଉଠିଥିଲି, ଆଉ ପରଦିନ ଠିକ୍ ସମୟରେ ଯାଇ ପହଞ୍ଚି ଯାଇଥିଲି ଆକାଶବାଣୀ ଅଫିସ୍‌ରେ। ସେଠି ୩ଟି କବିତା ପାଠକଲି ଏବଂ ପ୍ରତିଦାନରେ ପାଇଥିଲି ୧୫୦ ଟଙ୍କା। ୧୯୯୨ ମସିହାରେ ୧୫୦ ଟଙ୍କାର ମୂଲ୍ୟ ଢେର୍ ଥିଲା। ଖୁସିରେ ଟଙ୍କାଟିକୁ ଧରି ଫେରିଥିଲି ଛତ୍ରପୁରକୁ। ସେଦିନ ସାରା ରାତି ମୋ ଆଖିକୁ ନିଦ ନ ଥିଲା। ହାତରେ ସେମିତି ଟଙ୍କାଟିକୁ ଧରି ଏପଟସେପଟ କରୁଥିଲି। କାରଣ ଏହା ଥିଲା ମୋ ଜୀବନର ପ୍ରଥମ ଉପାର୍ଜିତ ଅର୍ଥ। ଅବଶ୍ୟ ଏହା ପୂର୍ବରୁ ପ୍ରବନ୍ଧ ଓ ନିବନ୍ଧ ପ୍ରତିଯୋଗିତା ପାଇଁ କିମ୍ବା ୟୁନିର୍ଭସିଟି ଚାମ୍ପିୟନ୍ ପାଇଁ ମୋତେ ଅନେକ ପୁରସ୍କାର ରାଶି ମିଳି ସାରିଥିଲା। କିନ୍ତୁ ସେ ସବୁକୁ ମୁଁ କଷ୍ଟ ଉପାର୍ଜିତ ଧନ ବୋଲି ଭାବୁ ନ ଥିଲି ; ତାହା ମୋ ପାଇଁ କେବଳ ପୁରସ୍କାର ହିଁ ଥିଲା। ହେଲେ ଆକାଶବାଣୀରୁ ପାଇଥିବା ଟଙ୍କା ହିଁ ଥିଲା ମୋର ପ୍ରଥମ କଷ୍ଟ ଉପାର୍ଜିତ ରୋଜଗାର ; ଯାହାକି ମୋ ମନରେ ବିଶ୍ୱାସ ଭରି ଦେଇଥିଲା, 'ମୁଁ ଜୀବନରେ କିଛି କରିପାରିବି ବୋଲି'। ଏହି ବିଶ୍ୱାସଟି ସେଦିନର ସେହି ରାତ୍ରି ଉଜାଗର ନିମନ୍ତେ ଏକ ବିରାଟ କାରଣ ଭାବରେ ଠିଆ ହୋଇଥିଲା ଏବଂ ତାହା ଥିଲା ଜୀବନର ଶ୍ରେଷ୍ଠ ଉପଲବ୍ଧି। ଅବଶ୍ୟ ପରଦିନ ବଜାରରୁ କିଛି ବହି କିଣି ମୁଁ ସେହି ଅର୍ଥର ସଦୁପଯୋଗ କରିଥିଲି ; ଯେଉଁ ବହିଗୁଡ଼ିକ ଆଜି ବି ମୋ ପାଖରେ ସେମିତି ଅଛି ଆଉ ପୁରୁଣା ସ୍ମୃତିକୁ ମଝିରେ ମଝିରେ ମୋତେ ମନେ ପକାଇ ଦେଉଛି। ତେବେ ଜୀବନର ଚଲାପଥରେ ପାଦ ଆଗକୁ ଆଗକୁ ପକାଇ ସାହିତ୍ୟ କ୍ଷେତ୍ରରେ ହେଉ ଅବା ଓଡ଼ିଆ ଅଧ୍ୟାପନା କ୍ଷେତ୍ରରେ କିମ୍ବା ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତ ଯୁବ ରେଡକ୍ରସ୍ ଅଧିକାରୀ ଭାବେ କାମ କରି ଯଶ କମାଇବା ସହ ଯଥେଷ୍ଟ ଅର୍ଥ ଉପାର୍ଜନ କରୁଥିଲେ ହେଁ, ସେଦିନର ସେହି ୧୫୦ ଟଙ୍କାର ଖୁସି ଆଗରେ ତାହା କମ୍ ଲାଗୁଛି।

# ଭାବନାରେ ବିତି ଯାଉଛି ଦିନ, କେବେ ବୁଝିବ ମୋ ଅବୁଝା ମନ...

**ପ୍ରଶ୍ନ**–ଜଣେ ଅଜଣା ସୁନ୍ଦରୀ ମୋ ମନରେ ଘର କରିସାରିଛି। ତାକୁ ମୁଁ ମନ ପ୍ରାଣ ଦେଇ ଭଲ ପାଉଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ପ୍ରତାପ ସାହୁ, ପୁରୀ*

**ଉତ୍ତର:** ଭାବନାରେ ବିତି ଯାଉଛି ଦିନ, କେବେ ବୁଝିବ ମୋ ଅବୁଝା ମନ। ଏପରି ଜଣେ ଅଜଣା ପ୍ରେମିକାକୁ ନେଇ ଯେତେ ଭାବିବେ ଆପଣଙ୍କ ଭାବନା ବୁଢ଼ିଆଣୀ ସୂତା ପରି ଲମ୍ବି ଲମ୍ବି ଚାଲିବ। ପ୍ରେମ ରାଇଜରେ ଘୁରି ବୁଲିଲା ବେଳେ ଏମିତି ଅନେକ ଅଜଣା ସୁନ୍ଦରୀଙ୍କୁ ସାମ୍ନା କରିବାକୁ ପଡିଥାଏ। ହେଲେ ସେମାନଙ୍କ ମନକୁ ଜିଣିବା ହେଉଛି ବଡ କଥା। ସେହି ତରୁଣୀକୁ ଆପଣ ଚିହ୍ନି ନାହାନ୍ତି। କେବଳ ତା' ବିଷୟରେ ଭାବୁଛନ୍ତି। ଏମିତି ଭାବିଲେ କିଛି ଲାଭ ନାହିଁ। ଏପରି ଉପାୟ ଚିନ୍ତା କରନ୍ତୁ, ଯେମିତିକି ସେହି ଅଜଣା ପ୍ରେମିକାକୁ ଆପଣ ପାଖରେ ପାଇପାରିବେ।

**ପ୍ରଶ୍ନ**–ଜଣେ ଝିଅ ମୋତେ କଣେଇ କଣେଇ ଚାହୁଁଛି। ଯଦି ତାକୁ ମୋ ମନର କଥା କୁହେ, ସେ ତାକୁ ଗ୍ରହଣ କରିବ ତ ?

*–ପ୍ରବୋଧ ରାଉତ, ବଲାଙ୍ଗୀର*

**ଉତ୍ତର:** ବେଳେବେଳେ ସୁନ୍ଦରୀଙ୍କ ମନ କଥା ତାଙ୍କ ଚାହାଣୀରେ ଲୁଚି ରହିଥାଏ। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ହେଲେ ମନରେ ପ୍ରେମକୁ ନେଇ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ତୀର ମାରନ୍ତୁ ଯେମିତି ତାହା ଠିକ୍ ଜାଗାରେ ବାଜିବ। ଯଦି ସବୁ କିଛି ଠିକ୍ ରହିଲା, ତେବେ ଧରିନିଅନ୍ତୁ ଯେ, ଆପଣଙ୍କ ପ୍ରେମ ମିଶନ ସକସେସ୍ ହୋଇଗଲା।

**ପ୍ରଶ୍ନ**–ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ। କ'ଣ କରିବି ?

*–ପ୍ରଶାନ୍ତ କୁମାର, ପାରାଦୀପ*

**ଉତ୍ତର:** ପ୍ରେମର ନିଶା ଯାହାକୁ ଥରେ ଘାରେ ତାକୁ ଭଲ ମନ୍ଦ, ଦିନରାତି, ଉଚ୍ଚ ନିଚ୍ଚ –କିଛି ଜଣାପଡି ନ ଥାଏ। ଚାରିଆଡେ ତାକୁ କେବଳ ସେହି ସୁନ୍ଦରୀର ମୁହଁ ଦେଖାଯାଉଥାଏ। ତେଣୁ ସେହି ଭାବନା ରାଇଜଠାରୁ ଯେତେ ଶୀଘ୍ର ସମ୍ଭବ ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**–ପ୍ରେମ ଆଉ ଲାଜକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କହନ୍ତି। ଏକଥା ସତ କି ?

*–ତନ୍ମୟ ବେଉରା, ଢେଙ୍କାନାଳ*

**ଉତ୍ତର:** ଅନେକ ସମୟରେ ଲାଜରୁ ହିଁ ପ୍ରେମ ସୃଷ୍ଟି ହୋଇଥାଏ। ଥରେ ମନେ ପକାନ୍ତୁ ନା, ଓଡ଼ିଆ ଚଳଚ୍ଚିତ୍ର 'ସିନ୍ଦୂରବିନ୍ଦୁ'ର ସେହି ହିଟ୍ ଗୀତ 'ଯଉବନରୁ ଅପରାଧ ତହିଁରୁ ଜାତ କ୍ଷମା, କ୍ଷମାରୁ ଜାତ ହୁଅଇ ଲାଜ, ଲାଜରୁ ଜାତ ପ୍ରେମ..ପ୍ରେମ..ପ୍ରେମ।' ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ସେ ସିନା ମୋତେ ଧୋକା ଦେଇ ଚାଲି ଗଲା, ହେଲେ ସେ ମୋ ମନରେ ସବୁଦିନ ରହିବ। ଆଉ ଜଣେ ଝିଅକୁ ଯଦି ମୁଁ ପ୍ରେମ କରେ ତେବେ କିଛି କ୍ଷତି ହେବ କି ?

*–ପ୍ରଶାନ୍ତ କୁମାର, କେନ୍ଦ୍ରାପଡା*

**ଉତ୍ତର:** ପ୍ରଥମ ପ୍ରେମକୁ ଭୁଲି ପାରୁନାହାନ୍ତି ହେଲେ ସେପଟେ ପୁଣି ଥରେ ପ୍ରେମ ନଈରେ ବୁଡ ପକାଇବାକୁ ମନ ହେଲାଣି। ଗୋଟିଏ କଥା ସବୁବେଳେ ମନେ ରଖିବେ। ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି କୁହୁଳୁ ଥିବ। ଏହାଦ୍ୱାରା ଆପଣ ନା ଆଗକୁ ଯାଇପାରିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିବ।



ସାଥୀ

# ଏବେ ଭାଣିଜୀ ଚିନ୍ତା

ବଲିଉଡ୍‌ରେ ଏବେ ଜଣେ ନବାଗତାଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କାରଣ ଖାଁ ପରିବାରରୁ ଆଉ ଜଣେ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ପାଦ ଦେବାକୁ ଯାଉଛନ୍ତି। ସେ ହେଲେ ଅଲିଜେ ଅଗ୍ନିହୋତ୍ରୀ। ସେ ହେଉଛନ୍ତି ସଲମାନ ଖାଁଙ୍କ ଭାଣିଜୀ। ସଲମାନଙ୍କ ଭଉଣୀ ତଥା ଅଭିନେତା ଅତୁଲ ଅଗ୍ନିହୋତ୍ରୀଙ୍କ ପତ୍ନୀ ଆଲଭିରା ଅଗ୍ନିହୋତ୍ରୀଙ୍କର ଏହି କନ୍ୟା ନିଜକୁ ଏ ନେଇ ମଧ୍ୟ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ଶୁଣିବାକୁ ମିଳୁଛି ଯେ, ନୂଆବର୍ଷ ପ୍ରାରମ୍ଭରେ ସଲମାନ ବିଧିବଦ୍ଧ


ସଲମାନ


ଅଲିଜେ

ଭାବରେ ଏହାର ଘୋଷଣା କରିବେ। ଏକ ରୋମାଣ୍ଟିକ ଲଭ ଷ୍ଟୋରିକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହେବ ବୋଲି ସଲମାନ ସୂଚନା ଦେଇଛନ୍ତି। ସଲମାନ ଖାଁ ପ୍ରଡକ୍ସନ ଏବଂ ଅତୁଲ-ଆଲଭିରାଙ୍କ ପ୍ରଯୋଜନା ସଂସ୍ଥା 'ରିଲ୍ ଲାଇଫ ପ୍ରଡକ୍ସନ' ବ୍ୟାନରରେ ଏହି ଚିତ୍ରଟି ନିର୍ମିତ ହେବ। ବଲିଉଡ୍‌ରେ ଡେବ୍ୟୁ କରିବା ପୂର୍ବରୁ ଅଲିଜେ ଆକ୍ଟିଂ, ଡ୍ୟାନ୍ସରେ ଡିଗ୍ରୀ ହାସଲ କରିଛନ୍ତି। ଏ ନେଇ ସଲମାନ କହନ୍ତି, 'ଅଲିଜେକୁ ମୁଁ ପ୍ରଥମେ ଆକ୍ଟିଂ ଉପରେ ଗୁରୁତ୍ୱ ଦେବାକୁ କହିଥିଲି। ସେ ଆକ୍ଟିଂ କ୍ଲାସ ୨୦୧୮ରେ ଜଏନ୍ କରିଥିଲା। ଇତିମଧ୍ୟରେ ସେ ଏଥିରେ ଡିଗ୍ରୀ ହାସଲ କରିସାରିଛି। ଯେଉଁ ପ୍ରୋଜେକ୍ଟରେ ତାକୁ ମୁଁ ବ୍ରେକ୍ ଦେବି ତାହାର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଟାଇଟଲ ଖୁବ୍ ଶୀଘ୍ର ଫାଇନାଲ ହେବ। ତା' ସହ ଏହି ଫିଲ୍ମର କିଏ ନିର୍ଦ୍ଦେଶନା ଦେବେ ଏବଂ କେଉଁମାନେ ଏଥିରେ ଅଭିନୟ କରିବେ ତାହା ଠିକ୍ ସମୟ ପୂର୍ବରୁ ଜଣାଇ ଦିଆଯିବ। ମୋର ଆଶା ରହିଛି ଆଲିଜେ ବଲିଉଡ୍‌ରେ ନିଜ ଅଭିନୟ ଦକ୍ଷତାକୁ ପ୍ରତିପାଦନ କରିପାରିବ।' ତେବେ ହୋମ୍ ବ୍ୟାନରରୁ ବଡ ପରଦା କ୍ୟାରିୟର ଆରମ୍ଭ କରୁଥିବା ଏହି ନବାଗତା ବଲିଉଡ୍‌ରେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଭାବିହେଉଛନ୍ତି ବାଣୀ

ବେଳେବେଳେ ନିଜ ନିଷ୍ପତ୍ତିକୁ ନେଇ ଅନେକେ ପରେ ଅନୁତାପ କରିଥାଆନ୍ତି। ହେଲେ ସେପରି ଡିସିସନ୍ ଯେ ଭୁଲ ତାହା ସେ ଠିକ୍ ସମୟରେ ଚିନ୍ତା କରି ନ ଥାନ୍ତି। ଏବେ ସେପରି ଏକ ଘଟଣାକୁ ନେଇ ଅନୁତାପ କରୁଛନ୍ତି ବାଣୀ କପୁର। କଥା କ'ଣ କି ନିକଟରେ ତାଙ୍କୁ ଏକ ନାମୀ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। କାହାଣୀ ଶୁଣିବା ପରେ ସେ ଏକରକମ ଏଥିରେ ଅଭିନୟ କରିବେ ବୋଲି ସବୁଜ ସଙ୍କେତ ଦେଖାଇ ସାରିଥିଲେ। ହେଲେ ରାତାରାତି ପରିସ୍ଥିତି ବଦଳି ଯାଇଥିଲା। ତା' ପର ଦିନ କ'ଣ ହେଲା କେଜାଣି, ଏହି ଫିଲ୍ମରେ ସେ ଆକ୍ଟିଂ କରିପାରିବେ ନାହିଁ ବୋଲି ନିଜ ପଟରୁ ପ୍ରଯୋଜନା ସଂସ୍ଥାକୁ ଜଣାଇ ଦେଇଥିଲେ। ଏ ନେଇ ବାଣୀ କହନ୍ତି, 'ଯେଉଁ ଅଫରଟିକୁ ହାତଛଡା କରିଛି ତାକୁ ନେଇ ଏବେ ଅନୁତାପ କରୁଛି। ପ୍ରଥମେ ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। କିନ୍ତୁ ପରେ ମୋ ମନକୁ ଧାରଣା ଆସିଲା ଯେ ଏଥିରେ ମୋ ଭୂମିକାର ସେତେ ଗୁରୁତ୍ୱ ନାହିଁ। ତେଣୁ ପରଦିନ ମୁଁ ଏଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି। ହେଲେ ଏବେ ଭାବୁଛି ଏପରି ସୁଯୋଗକୁ ହାତଛଡା କରି ଭୁଲ କରିଛି। ହେଲେ ମୁଁ ମନା କରିବାର କିଛି ଦିନ ପରେ ପୁଣି ଥରେ ପ୍ରଯୋଜନା ସଂସ୍ଥା ସହ ଯୋଗାଯୋଗ କରିଥିଲି। ହେଲେ ସେତେବେଳକୁ ଚାନ୍ସ ମୋ ହାତରୁ ଖସିଯାଇଥିଲା। ମୋ ସ୍ଥାନରେ ସେମାନେ ଜଣେ ନବାଗତାଙ୍କୁ ସାଇନ୍ କରିସାରିଥିଲେ।'

# ଆକ୍ସନ ନିଶାରେ ସୋନାକ୍ଷୀ

'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନାଙ୍କୁ ଏବେ ଏକ ନୂଆ ନିଶା ଘାରିଛି। ଆକ୍ସନ ଅବତାରରେ ସେ ବଡ ପରଦାରେ ମୁହଁ ଦେଖାଇବାକୁ ଇଚ୍ଛା କରିଛନ୍ତି। ପୁଣି ଏମିତି ଯୋଗ ଯେ, ଏକ କାହାଣୀ ପରିକଳ୍ପନା କରିବା ସହ ତାକୁ ନେଇ ଏକ ସିନେମା ନିର୍ମାଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଏପରି ଯୋଜନା ସମ୍ପର୍କରେ ସୋନାକ୍ଷୀ କହନ୍ତି, 'ସତ କଥା କହିବାକୁ ଗଲେ ମୋତେ ଆକ୍ସନଭିତ୍ତିକ ଫିଲ୍ମ ଦେଖିବାକୁ ଭଲ ଲାଗେ। ବିଶେଷଭାବରେ ହଲିଉଡ୍‌ରେ ପ୍ରସ୍ତୁତ ଏପରି ମୁଭି ଦେଖିବାର ମଜା ନିଆରା। ଥରେ ଏକ ହଲିଉଡ୍ ଫିଲ୍ମ ଦେଖିବା ସମୟରେ ଏପରି ଏକ କାହାଣୀ ମୋ ମନକୁ ଆସିଥିଲା। ତାକୁ ମୁଁ ଚୂଡାନ୍ତ ରୂପରେଖ ଦେଇସାରିଛି। ଏପରି କି ଜଣେ ନାମୀ ନିର୍ଦ୍ଦେଶକଙ୍କ ସହ ଏ ନେଇ କଥା ମଧ୍ୟ ହୋଇଛି। ଏହି କାହାଣୀକୁ ଚଳଚ୍ଚିତ୍ରର ରୂପ ଦେବାକୁ ଚେଷ୍ଟା ଚାଲିଛି। କେବଳ ସେତିକି ନୁହେଁ, ଏହା ଏକ ନାରୀକେନ୍ଦ୍ରିକ ସିନେମା ହେବ ଏବଂ ଟାଇଟଲ ଭୂମିକାରେ ମୁଁ ଅଭିନୟ କରିବି। ତେଣୁ ଏବେଠାରୁ ଜଣେ ଆକ୍ସନ ଟ୍ରେନରଙ୍କ ଅଧୀନରେ ଟ୍ରେନିଂ ଜାରି ରଖିଛି।' ତେବେ ଏପରି କାହାଣୀ ସୋନାକ୍ଷୀଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ସୋନାକ୍ଷୀ


ବାଣୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଜୋୟା

## ହାଃ ହାଃ

### ଗ୍ୟାରେଣ୍ଟି

ଗୋପୀ ଦୋକାନୀକୁ : ଏଇ ମିରର୍ ଭଲ ଲାଗୁଛି। ହେଲେ ଯା ଉପରେ କ'ଣ ଗ୍ୟାରେଣ୍ଟି ଅଛି ?

ଦୋକାନୀ: ଆପଣ ଯାକୁ ୧୦୦ ମହଲା ଉପରୁ ତଳକୁ ପକାନ୍ତୁ। ଦେଖିବେ ୯୯ ମହଲା ପର୍ଯ୍ୟନ୍ତ ଜମାରୁ ଭାଙ୍ଗିବନି।

ଗୋପୀ: ସତ ! ତା'ହେଲେ ପ୍ୟାକ୍ କରିଦିଅ।

### ଲାଲ୍ ଶାଢି

କାଳୀ ସ୍ତ୍ରୀ ଏକ ଲାଲ ଶାଢି ପିନ୍ଧି ସ୍ୱାମୀଙ୍କୁ: ହଇହେ, କହିଲ ଦେଖି ଆଜି ମୁଁ କେମିତି ଦେଖାଯାଉଛି ?

ସ୍ୱାମୀ: ମତେ ଲାଗୁଛି ସତେ ଯେମିତି କୋଇଲା ଫ୍ୟାକ୍ଟ୍ରିରେ ନିଆଁ ଲାଗି ଯାଇଛି।

### ମୋଟୀ

ଯୁବକ ନିଜ ଗର୍ଲଫ୍ରେଣ୍ଡକୁ ପିଜ୍ଜାହଟ୍ ନେଇଥାଏ।

ଯୁବକ: ଗୋଟେ ବଡ ପିଜ୍ଜା ଆଣିଲ।

ପିଜ୍ଜା ଆସିବା ପରେ ୱେଟର: ମୁଁ ପିଜ୍ଜାକୁ ୪ ପିସ୍ କରି କାଟିବି ନା ୮ ପିସ୍ କରି କାଟିବି।

ଗର୍ଲଫ୍ରେଣ୍ଡ: ବାପ୍‌ରେ ଆଠ ପିସ୍ ! ନା ବାବା ନା ଏତେ ଖାଇଲେ ମୁଁ ମୋଟୀ ହେଇଯିବି। ୪ ପିସ୍ କରି ହିଁ କାଟ।

---

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ





# ଖ୍ରୀଷ୍ଟମାସରେ ବୁଲିଯାଆନ୍ତୁ

ଆନନ୍ଦ ଉଲ୍ଲାସର ପର୍ବ ଖ୍ରୀଷ୍ଟମାସ । ଏହାକୁ ଦେଶବିଦେଶର ବିଭିନ୍ନ ସ୍ଥାନରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ । ସେଥିପାଇଁ ଖ୍ରୀଷ୍ଟମାସ ଅବସରରେ ବୁଲାବୁଲି କରିବାକୁ ପର୍ଯ୍ୟଟକଙ୍କ ଭିତରେ ବେଶ୍ ଆଗ୍ରହ ଥିବାର ଦେଖିବାକୁ ମିଳିଥାଏ । କିନ୍ତୁ କରୋନା ମହାମାରୀ ପାଇଁ ଗତ ବର୍ଷ ଭଳି ଏବର୍ଷ ବି ଏହି ପର୍ବକୁ ସେତେ ବଡ଼ ଆକାରରେ ପାଳନ କରିବାକୁ ବା କୁଆଡ଼େ ବୁଲିଯିବାକୁ ଲୋକଙ୍କ ଭିତରେ ଭୟ ରହୁଥିବା ଦେଖିବାକୁ ମିଳୁଛି। ତଥାପି ବି ଯଦି କେହି ବୁଲିଯିବାକୁ ଚାହୁଁଥାନ୍ତି, ସେମାନଙ୍କ ପାଇଁ ଏଠାରେ ସେମିତି କେତୋଟି ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁଠାକୁ ଖ୍ରୀଷ୍ଟମାସ ଅବସରରେ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ ।

✽ **ଗୋଆ:** ଯେତେବେଳେ ଖ୍ରୀଷ୍ଟମାସ ଅବସରରେ ବୁଲାବୁଲିର କଥା ଉଠେ, ସର୍ବପ୍ରଥମେ ଗୋଆ କଥା ମନକୁ ଆସିଥାଏ । କାରଣ ଏଠିକାର ଖ୍ରୀଷ୍ଟମାସ ସେଲିବ୍ରେଶନର ମଜା ହିଁ କିଛି ନିଆରା । ଏଠାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକଙ୍କର ସଂଖ୍ୟା ଓ ଚର୍ଚ୍ଚ ସଂଖ୍ୟା ଯଥେଷ୍ଟ ଅଧିକ ଥିବାରୁ ଏଠାରେ ଏହି ପର୍ବକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ । ଚାରିଆଡ଼େ ରଙ୍ଗିନ ଆଲୋକମାଳାର ସାଜସଜ୍ଜା ସାଙ୍ଗକୁ ସମସ୍ତଙ୍କ ମୁହଁରେ ଖୁସିର ଝଲକ ଦେଖିବାକୁ ମିଳିଥାଏ । ଏପରି କି ଗୋଆ ବିଚ୍‌ରେ ବି ଖ୍ରୀଷ୍ଟମାସ ସେଲିବ୍ରେଶନକୁ ନେଇ ଅନେକ କିଛି ନିଆରା କାର୍ଯ୍ୟକ୍ରମ କରାଯାଇଥାଏ ।

✽**କୋଲକାତା:** ସିଟି ଅଫ୍ ଜୟ ଭାବେ ପରିଚିତ କୋଲକାତା ଖ୍ରୀଷ୍ଟମାସ ଅବସରରେ ହୋଇଉଠେ ଆହୁରି ଚଳଚଞ୍ଚଳ । ରାସ୍ତାଘାଟ ରଙ୍ଗିନ ଆଲୋକମାଳାରେ ସଜ୍ଜିତ ହେବା ସହ ପେଷ୍ଟ୍ରି, କେକ୍ ତଥା ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନର ବାସ୍ନାରେ ପର୍ଯ୍ୟଟକ ହୋଇଯାନ୍ତି ବେଶ୍ ମୁଗ୍ଧ । ଏପରି କି ମିଡ୍ ନାଇଟ୍ ସେଲିବ୍ରେଶନ, ଲାଇଟ୍ ଆଣ୍ଡ ସାଉଣ୍ଡ ଏକ୍‌ଜିବିଶନ ତଥା ରକ୍ ମ୍ୟୁଜିକ୍ ଆଦି ବି ଏଠାରେ ଅନୁଷ୍ଠିତ ହୋଇଥାଏ । କିନ୍ତୁ କରୋନା ସକାଶେ ଏସବୁ ପାଇଁ କଟକଣା ରହିଥିବାରୁ ପର୍ଯ୍ୟଟକଙ୍କୁ ବି ଏଥିପ୍ରତି ସତର୍କ ରହିବାକୁ ପଡ଼ିବ ।

✽**ପଣ୍ଡିଚେରୀ:** ଭାରତର ଲିଟିଲ୍ ଫ୍ରାନ୍ସ ଭାବେ ପରିଚିତ ପଣ୍ଡିଚେରୀ ବା ପୁଦୁଚେରୀ ପାରମ୍ପରିକ ଶୈଳୀରେ ଖ୍ରୀଷ୍ଟମାସ ପାଳନ କରିବା ପାଇଁ ବେଶ୍ ଲୋକପ୍ରିୟ । ଏହି ଅବସରରେ ଏଠାରେ ବହୁତ ସୁନ୍ଦର ଡେକୋରେଶନ ଦେଖିବାକୁ ମିଳିଥାଏ । ଏଠାକାର ଶାନ୍ତ ତଥା ମନୋରମ ସମୁଦ୍ରତଟ ନିକଟରେ ଲୋକେ ଖୁବ୍ ଶାନ୍ତିରେ ଏହି ପର୍ବକୁ ପାଳନ କରିଥାନ୍ତି । ଯେଉଁମାନଙ୍କୁ ହୋହଲା ପସନ୍ଦ ନୁହେଁ, ସେମାନେ ଚାହିଁଲେ ଏଠାକୁ ଯାଇ ଖ୍ରୀଷ୍ଟମାସ ଛୁଟି ଆରାମରେ କଟାଇପାରିବେ ।

✽**କେରଳ:** ଏଠାରେ ବି ଅନେକ ଗିର୍ଜାଘର ରହିଛି। ଖ୍ରୀଷ୍ଟମାସ ସମୟରେ ଏହି ଗିର୍ଜାଘରଗୁଡ଼ିକୁ ରଙ୍ଗିନ ଆଲୋକମାଳାରେ ଖୁବ୍ ସୁନ୍ଦର ଭାବେ ସଜାଇ ଦିଆଯାଇଥାଏ । ତା'ସାଙ୍ଗକୁ ରାସ୍ତାଘାଟକୁ ବି ସଜାଇ ଆକର୍ଷଣୀୟ କରାଯାଇଥାଏ । ଏପରି କି ଏଠାକାର ରେଷ୍ଟୁରାଣ୍ଟଗୁଡ଼ିକରେ ବି ଭଲ ଡିସ୍‌କାଉଣ୍ଟରେ ପର୍ଯ୍ୟଟକଙ୍କୁ ସୁସ୍ୱାଦୁ ବ୍ୟଞ୍ଜନ ପରଷା ଯାଇଥାଏ । ତେଣୁ ପର୍ଯ୍ୟଟକ ଏଠାରେ ଖ୍ରୀଷ୍ଟମାସ ଅବସରରେ ଯାଇ ସୁସ୍ୱାଦୁ ଖାଦ୍ୟ ଖାଇ ଗିର୍ଜାଘରଗୁଡ଼ିକ ବୁଲିବା ସହ ବ୍ୟାକ୍‌ୱାଟର୍‌ରେ ବୋଟିଂ କରିବାର ମଜା ବି ନେଇପାରିବେ ।

✽**ମୁମ୍ବାଇ:** ସ୍ୱପ୍ନର ସହର ମୁମ୍ବାଇରେ ମଧ୍ୟ ଖ୍ରୀଷ୍ଟମାସ ସେଲିବ୍ରେଶନ୍‌କୁ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିପାରିବେ ନାହିଁ। କାରଣ ଏହି ବିଶେଷ ଅବସରରେ ଏଠାକାର ଚର୍ଚ୍ଚ, ମଲ୍ ତଥା ମାର୍କେଟ୍‌ଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ସଜାଯାଇଥାଏ । ତା'ସହିତ ଏଠାରେ ଥିବା ଚର୍ଚ୍ଚକୁ ଯାଇ ପ୍ରଭୁ ଯିଶୁଙ୍କୁ ଦର୍ଶନ କରିବା ସହ ସୁସ୍ୱାଦୁ ଖ୍ରୀଷ୍ଟମାସ୍ କେକ୍ ଖାଇବାର ମଜା ବେଶ୍ ଆନନ୍ଦ ଦେଇଥାଏ ପର୍ଯ୍ୟଟକଙ୍କୁ ।

✽**ମନାଲି:** ତୁଷାରପାତର ଶୀତଳ ପରଶରେ ଖ୍ରୀଷ୍ଟମାସ ମନାଇବାର ମଜା ହିଁ କିଛି ନିଆରା ଲାଗିଥାଏ । ତେଣୁ ହିମାଚଳପ୍ରଦେଶସ୍ଥିତ ମନାଲି ସବୁଠାରୁ ଭଲ ସ୍ଥାନ ହୋଇଥାଏ ଖ୍ରୀଷ୍ଟମାସ ପାଳନ କରିବା ପାଇଁ। କାରଣ ଖ୍ରୀଷ୍ଟମାସ ଅବସରରେ ଏଠାରେ ତୁଷାରପାତ ହେଉଥିବାରୁ ସ୍କିଂ କରିବା ସହ ସ୍ନୋମ୍ୟାନ୍ ଓ ବରଫରେ ଖେଳିବାର ମଜା ବେଶ୍ ନିଆରା ଅନୁଭୂତି ଦେଇଥାଏ ପର୍ଯ୍ୟଟକଙ୍କୁ ।

✽**ଡାମନ୍ ଆଣ୍ଡ ଡିୟୁ:** ଏଠାରେ ମୁଖ୍ୟତଃ ପର୍ତ୍ତୁଗୀଜ୍‌ମାନଙ୍କ ଶୈଳୀରେ ଖ୍ରୀଷ୍ଟମାସ୍ ପର୍ବକୁ ପାଳନ କରାଯାଇଥାଏ, ଯାହା ପର୍ଯ୍ୟଟକଙ୍କୁ ଏକ ନିଆରା ଅନୁଭୂତି ଦେଇଥାଏ । ବିଶେଷ କରି ଏହି ଅବସରରେ ପାଳିତ ହେଉଥିବା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ବେଶ୍ ମନଛୁଆଁ ଲାଗିଥାଏ ।

**ଖ୍ରୀଷ୍ଟମାସ ଅବସରରେ ବୁଲିଯାଇ କିଛିଟା ନିଆରା ଅନୁଭୂତି ପାଇବାକୁ ଅନେକଙ୍କର ଇଚ୍ଛା ଥାଏ। ସେଥିପାଇଁ ଏଠାରେ କେତୋଟି ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁଠାକୁ ବୁଲିଯାଇ ପର୍ଯ୍ୟଟକ ଖ୍ରୀଷ୍ଟମାସ ଛୁଟିକୁ ଆନନ୍ଦରେ କାଟିପାରିବେ...**

















# କୁମ୍ଭୀର ଘର

ଏଇ ଫଟୋ ଦେଖି ଭାବୁଥିବେ ଏହା ଏକ ସତସତିକା କୁମ୍ଭୀର ଅବା କୁମ୍ଭୀରର ଏକ ପ୍ରତିମୂର୍ତ୍ତି। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଏହା ଏକ ଘର। ଭାବୁଥିବେ କୁମ୍ଭୀର ପରି ଦେଖିବାକୁ ଘର କିଏ ବା କାହିଁକି କରିବ। ପଶ୍ଚିମ ଆଫ୍ରିକା, ଅବିଦଜାନ୍‌ର ମୌସା କାଲୋ ଏହାକୁ ତିଆରି କରିଛନ୍ତି। ଏହି କାମରେ ତାଙ୍କୁ ସାହାଯ୍ୟ କରିଛନ୍ତି ଥିଏରୀ ଅଟ୍ଟା। ଏହି ବିରାଟକାୟ କୁମ୍ଭୀରକୁ ଭଲକି ଦେଖିଲେ ଜାଣିପାରିବେ କୁମ୍ଭୀରଟି ହସିଲା ପରି ଦେଖାଯାଏ। ପଥରରେ ତିଆରି ଏହି କୁମ୍ଭୀର ଘରର ଭିତର ପାର୍ଶ୍ୱକୁ ଖୋଳି କୋଠରି ତିଆରି କରାଯାଇଛି। ସେହି କୋଠରିରେ ଖଟ ପଡ଼ିଛି। ଘରେ ଝରକା, କବାଟ ବି ଅଛି। ତା'ସହ ତା' ଭିତରେ ରହିବାର ସବୁ ସୁବିଧା ଅଛି।

## କାର୍ଟୁନ କର୍ନର



# ଟିଙ୍କଣ କୁହା



–ଶ୍ରୀମାନ୍ ସର୍ବଗିଳା

ଗାରିମାଦେବୀ ଗଲା ଗୁରୁବାର ଦିନ ନିର୍ଲୋଭରେ ଯେମିତି ପ୍ରଚଣ୍ଡ ଭକ୍ତିରେ ଦାନ ଧର୍ମ କଲେ, ସେଥିରୁ ସେ ମହାଦାନୀ ବୋଲି ପରୀକ୍ଷା ହୋଇଗଲା । ଅବଶ୍ୟ ତା' ପୂର୍ବଦିନ ତାଙ୍କ ପଡ଼ୋଶୀଙ୍କ ହାଡୁ ମା' ହାଡୁର ଦେହ ଖରାପ ଥିବାରୁ ଡାକ୍ତରଦେଖା, ଔଷଧ ଖର୍ଚ୍ଚା ପାଇଁ ଟଙ୍କା ପାଞ୍ଚଶ ଉଧାର ମାଗିଥିଲେ। ହେଲେ ସେ ତାଙ୍କ ମନରେ କଷ୍ଟ ନ ଦେଇ କୋମଳ ବଚନରେ ଫେରେଇ ଦେଇଥିଲେ। ଫେରେଇବା ଆଗରୁ କୁମ୍ଭୀର ପ୍ରାୟେ ଲୋତକ ଢାଳି ଗାଳି କରି କହିଲେ 'ଆଗରୁ କିଆଁ ନ ମାଗିଲୁ ? ପୁଅର ବାପା ଏଇ ଘଣ୍ଟେ ତଳେ ମୋ ହାତରୁ ଖାଡ଼ିଝୁଡ଼ି ଏଗାର ହଜାର ଛ'ଶହ ଟଙ୍କା ନେଲା ପରେ ଆସି ମାଗିଲୁ। ଆଲୋ ! ହାଡ଼ିଆ କ'ଣ ଏକା ତୋ ପୁଅ । ମୋର କିଛି ନୁହଁ । ତତେ ଏ ବେଳାରେ ସାହାଯ୍ୟ କରିପାରୁନି ବୋଲି ମୋ ମନଟା ଭାରି ଖରାପ ଲାଗୁଛି। ମୋ ପାଖରେ ଥିଲେ କ'ଣ ତତେ ଦେଇ ନ ଥାନ୍ତି ?

ହାଡ଼ିଆ ମା' ଗଲାପରେ ଗାରିମା ଦେବୀଙ୍କ ଖୁସି କହିଲେ ନ ସରେ । ଏଇନେ ପାଞ୍ଚଶ' ଟଙ୍କା ଯାଇଥାନ୍ତା । ତା' ପରଦିନ ଗୁରୁବାର । ମାର୍ଗଶିର ମାସ । ଦିନ ଏଗାର କି ବାରଟା ଭିତରେ ହେବ । ଗାରିମା ଦେବୀଙ୍କ ପତିଦେବ ଅଫିସକୁ ଗଲାପରେ କିଏ ଦୁଆରେ କଲିଂବେଲ୍ ମାରିଲା । ଗାରିମା ଦେବୀ ଆସି ଦେଖନ୍ତି ତ ଜଣେ ସାଧୁଭେକ ଧାରୀ ଉଭା । ଗାରିମା ଦେବୀଙ୍କୁ ଦେଖୁଦେଖୁ ଉଚ୍ଚ ପ୍ରଶଂସାରେ ପୋତି ପକେଇ କହିଲେ, ତାଙ୍କ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କଥା ସେ ଜଣେ ଅସାମାନ୍ୟା ରୂପଗୁଣର ଅଧିକାରିଣୀ–ଅଭିଶପ୍ତା ସ୍ୱର୍ଗର ଅପସରୀ–ପରମା ସୁନ୍ଦରୀ । କୋମଳ ହୃଦୟ ଦୟାର୍ଦ୍ର ଚିତ୍ତ ପରୋପକାରୀ ଗୁଣଯୁକ୍ତ ମହିଳା । ତାଙ୍କ ଜନ୍ମ ବିଲୁଆନଦୀ କୂଳ ସନ୍ତରା ଗ୍ରାମରେ । ତାଙ୍କ ପରେ ଦୁଇ ଭାଇ । ଏକମାତ୍ର ଅଲିଅଳି କନ୍ୟା ସେ ପିତାମାତାଙ୍କର । ବିବାହର ତିନିବର୍ଷ ପରେ ଏକମାତ୍ର ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ପୁତ୍ରକୁ ବୟସ ଚାରିବର୍ଷ । ପତିଦେବ ସର୍କାରୀ ଅଫିସର ଇତ୍ୟାଦି । ହେଲେ ବତ୍ସା ! ତୁମର ଆଗକୁ ଘୋର ବିପଦ ମାଡ଼ି ଆସୁଛି। ଭାଗ୍ୟାକାଶରେ ସୂର୍ଯ୍ୟ ବୁଡ଼ିଯିବେ। ବଡ଼ ଦୁର୍ଘଟଣାମାନ ଘଟିବ । ପତିଙ୍କର ଅଙ୍ଗହାନି ହେବ । ପୁତ୍ରର ମସ୍ତିଷ୍କ ରୋଗରେ ମୃତ୍ୟୁ ବି ହୋଇପାରେ। କେହି ରକ୍ଷା କରିପାରିବେନି।

ଭେକଧାରୀ ଭବିଷ୍ୟ ବକ୍ତାଙ୍କ କଥା ଶୁଣୁଶୁଣୁ ଗାରିମାଙ୍କ ହସହସ ମୁଖରେ ଦୁଃଖର କଳାବାଦଲ ଘେରି ଆସିଲା। ଡରିଡରି ଥରିଥରି ପଚାରିଲେ, ହେ ମହାତ୍ମନ୍ ! ଏଥିରୁ ମୁକ୍ତିର ଉପାୟ କୁହନ୍ତୁ । ଭେକଧାରୀ କହିଲେ, ବତ୍ସା ! ପାଞ୍ଚଟଙ୍କିଆ କଏନ୍‌ଟିଏ ମୋ ହସ୍ତକୁ ଦିଅ । ମୁଣ୍ଡରେ ମାରି ଗାରିମା କଏନ୍‌ଟି ଦେବାପରେ ଦୁଇହାତ ଏକାଠି ମୁଠେଇ ହଲେଇ ଖୋଲି ଗୋଟାଏ ରୁଦ୍ରାକ୍ଷ ବାହାରକରି ଗାରିମାଙ୍କ ହାତକୁ ଦେଇ ଚକିତ କରିଦେଲେ । ଏଁ...? ଇୟେ କ'ଣ ? ପାଞ୍ଚଟଙ୍କିଆ କଏନ୍ ଉଭାନ୍ – ହାତ ଭିତରୁ ରୁଦ୍ରାକ୍ଷ କେମିତି ହୋଇଲା ଉତ୍ପନ୍ନ ? ଗାରିମା ଚତୁରିଆଙ୍କ ଚରଣ ଭକ୍ତିରେ ଛୁଇଁ ପ୍ରଣାମ କରନ୍ତେ, ଭେକଧାରୀ କହିଲେ ଉଠ ବତ୍ସା । ତୁମେ ଦୈବୀକଳାରେ ଜାତ ହେତୁ ମୁଁ ଦୈବ ନିର୍ଦ୍ଦେଶରେ ତୁମ ବିପଦ ଖଣ୍ଡନ କରିବାକୁ ତୁମ ଦ୍ୱାରେ ଉପସ୍ଥିତ । କୁହ । ତୁମେ କ'ଣ ମୋତେ ପୂର୍ଣ୍ଣ ବିଶ୍ୱାସ କର ? ତୁମ ବିପଦ ଖଣ୍ଡନ ଚାହଁ ?

– ହଁ ମହାତ୍ମା । ମୋତେ ବିପଦରୁ ରକ୍ଷାକର । ରକ୍ଷାକର ମୋ ସଂସାର ।

– ତେବେ ମନଧ୍ୟାନ ଦେଇ ଶୁଣ । ନିର୍ଲୋଭରେ ମାତ୍ର ପାଞ୍ଚହଜାର ମୁଦ୍ରା, ପାଞ୍ଚ ଗ୍ରାମ ସୁବର୍ଣ୍ଣ, ପାଞ୍ଚ ପା' ଗୁଆଘିଅ, ପାଞ୍ଚକେଜି ଆତପ ତଣ୍ଡୁଳ ତୁରନ୍ତ ମୋତେ ଦାନକର । ମୁଁ ସମସ୍ତ ବିପଦ ଖଣ୍ଡନ କରିବି । ଆଉ ଆଶୀର୍ବାଦ ଦେଉଛି ଚାରିବର୍ଷରେ ଚାରୋଟି ଘରବାଡ଼ି ଫ୍ଲାଟ୍ କଟକ, ଭୁବନେଶ୍ୱରରେ କ୍ରୟ ହେବ । ପତିଙ୍କର ପ୍ରମୋଶନ ସହିତ ଉଚ୍ଚବେତନ ପ୍ରାପ୍ତହେବ । ସନ୍ତାନ ଉଚ୍ଚଶିକ୍ଷା ଲାଭକରି ସୁନାମ ଅର୍ଜିବ । ନ ହେଲେ ସର୍ବନାଶ ହେବ ।

ତତ୍‌କ୍ଷଣାତ୍ ଟଙ୍କା ସହିତ ପାଞ୍ଚଗ୍ରାମ୍‌ଠୁ ବେଶି ଓଜନର ସ୍ୱର୍ଣ୍ଣ ମୁଦ୍ରିକା ଆପଣା ଅଙ୍ଗୁଳିରୁ କାଢ଼ି ଘୃତାଦି ଦ୍ରବ୍ୟ ଦେଇ ପାଦଛୁଇଁ ପ୍ରଣାମପୂର୍ବକ ବିଦାୟ ଦେଲେ । ଆଉ ସବୁ କ୍ଷମତା ଉନ୍ନତି କି ଯେମିତି ହାତ ମୁଠାରେ ମୁଠେଇ ଧରିଛନ୍ତି ଭାବୁଥିଲେ ଗାରିମା ଦେବୀ ।

ସଞ୍ଜ ବୁଡ଼କୁ କଲୋନୀର ହାରା ମାଉସୀ ଆସି ଗାରିମାଙ୍କୁ ଯେତେବେଳେ କହିଲେ, ସେ ଭଦ୍ରଲୋକ ଗାରିମାଙ୍କ ବାପଘରଠୁ ଶାଶୁଘର ବିଷୟରେ ବୁଝୁଥିଲେ । ସେତେବେଳେ ସେ ଜାଣିଲେ 'ଟିଙ୍କଣ କୁହା' ତାଙ୍କୁ ଠକି ଛୁ ମାରିଛନ୍ତି। ଆଉ ସେ ଅବା ଜାଣନ୍ତେ କେମିତି ଲମ୍ବାହାତରେ ପିନ୍ଧିଥିବା ପଞ୍ଜାବି ତଳେ ମଣିବନ୍ଧରେ ରବର ବାନ୍ଧି ତା' ତଳେ ପାଞ୍ଚଟଙ୍କିଆ କଏନ୍ ଗୁଞ୍ଜି ସେଇଠୁ ରୁଦ୍ରାକ୍ଷ କାଢ଼ି ଚମତ୍କାରିତା ଦେଖେଇ ଫାଇଦା ଉଠେଇ ଚାଲିଗଲେ ବୋଲି । ଆଜ୍ଞା ! ଏଇ ଟିଙ୍କଣ କୁହାଙ୍କର ସଂଖ୍ୟା ବଢ଼ୁଛି । ଏମାନେ ବଡ଼ ମଧୁର ବଚନ କହି ଉଧାର ମାଗନ୍ତି । ଲକ୍ଷଲକ୍ଷ ଟଙ୍କା ଖୁସିରେ ଫସେଇ ଫାଇଦା ଉଠେଇ ନିଅନ୍ତି । କିନ୍ତୁ ପରେ ମାଗିଲେ ଏସା କରିଦେବି, ତେସା କରିଦେବି କେସ୍ କରିଦେବି କହି ଡରେଇଥାନ୍ତି । କିଏ ଖାଣ୍ଟି ସୁନା ବୋଲି ନକଲି ଗହଣାକୁ ବିକି ଲୁଟନ୍ତି ତ କିଏ ଜାଗା ଦେବା ନାଁରେ କୋଟିକୋଟି ଅର୍ଥ ଶୋଷିନିଅନ୍ତି । ପୁଣି କିଏ ଚାକିରି କରେଇଦେବାକୁ କୁହନ୍ତି ତ କିଏ ଭାଗ୍ୟ ବଦଳେଇବାର ଭରସା ଦେଇ ତଷ୍କିକାଟି ଲୁଟନ୍ତି । ଆପଣମାନେ ଦେଖିଥିବେ ପାଞ୍ଚବରଷରେ ଅନେକ ଟିଙ୍କଣ କୁହାଙ୍କର ଅଚାନକ ଆବିର୍ଭାବ ହୁଏ । ଏମିତି ମଧୁର ଦରଦଭରା କଣ୍ଠରେ ବିନମ୍ର ପ୍ରଣିପାତ ପୂର୍ବକ ଝୁଡ଼ିଝୁଡ଼ି ପ୍ରତିଶ୍ରୁତିର ବାକ୍ୟ ପ୍ରଦାନ କରନ୍ତି ଯେ, ଆପଣ ଭାବିବେ ଯାଙ୍କୁ ଶାସନ ଦେବା ଅର୍ଥ ଏଇଠୁ କଳିଯୁଗ ଶେଷ ହେଲା। ସତ୍ୟଯୁଗ ଆରମ୍ଭ ହେଲା । ଅବସ୍ଥା ବଦଳେଇବାକୁ ବସ୍ତାବସ୍ତା ଆଶ୍ୱାଭାଜନର ଶବ୍ଦ । ଭାବିବେ ଏଇ ବାବୁ ଆସିଗଲେ ମାନେ ବେକାରିଙ୍କ ମୂଳୋତ୍ପାଟନ ହେଇଯାଇ ଚାକିରି ତାଙ୍କ ପଛରେ ଖାଲି ଧାଇଁବ । ଗାଁକୁ ରାସ୍ତା ସହିତ ଘରର ଅବସ୍ଥା ବଦଳିଯିବ । ମାତ୍ର ହାତରୁ ଭୋଟ ଗୁଡ଼ା ଖାଡ଼ି ନେଲାପରେ ଏମିତିଆ ଥଣ୍ଡାଘର ଭିତର ସିଂହାସନରେ ଉପବେଶନ କରନ୍ତି ଯେ, କାହାର ବିକଳ ବୋବାଳି କାନଭିତରେ ତାଙ୍କର ପଶିପାରେନି । ଆଉ କିଏ ଚାକିରି ଦେବାର ପ୍ରତିଶ୍ରୁତିରେ ଅର୍ଜିତ ଧନକୁ ପାଣି ପାଇପ୍ ଭିତରେ ପୂରେଇ ରଖନ୍ତି । ଦରମାରେ ହାତ ବାଜେନି । ଚଉଦ ପୁରୁଷ ଖାଇଲେ ବୋହିଲେ ବି ଧନ ସରେନି ।


ଆଜ୍ଞା ! ମୋ ପରି ଠକି ଯାଇଥିବା ଆପଣଙ୍କୁ ଜୁହାର କରୁଛି ନେହୁରା ହେଉଛି ଏ ଟିଙ୍କଣ କୁହାଙ୍କ ଉପରେ ଟିକେ ନଜର ରଖିଥିବେଟି । ନଇଲେ କେତେବେଳେ ଏମାନେ ତଷ୍କିକାଟି ପିନ୍ଧାଲୁଗା ଲୁଟିନେଇ ପଳେଇବେ, ଆପଣ ହୁଏତ ଜାଣିପାରି ନ ଥିବେ ।।

–ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ,
ମୋ : ୭୦୦୮୧୮୮୮୪୭

# ପୁସ୍ତକ ସମୀକ୍ଷା

## କାଳିନ୍ଦୀ ଚରଣ ଉପନ୍ୟାସ ସମଗ୍ର

ପ୍ରକାଶକ– କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ
ମୂଲ୍ୟ–୪୬୦ଟଙ୍କା




କାଳିନ୍ଦୀଚରଣ ପାଣିଗ୍ରାହୀ ଓଡ଼ିଆ ସାହିତ୍ୟର ଯୁଗପୁରୁଷ । ସେ ୫ଟି ଉପନ୍ୟାସ ଲେଖିଛନ୍ତି। ସେଗୁଡ଼ିକ ହେଲା, ମାଟିର ମଣିଷ, ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା ଓ ଅମରଚିତା। ଏ ଉପନ୍ୟାସଗୁଡ଼ିକ ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ ମାଇଲଖୁଣ୍ଟ । ତାଙ୍କ ଉପନ୍ୟାସରେ ବର୍ଣ୍ଣିତ ଚରିତ୍ରଗୁଡ଼ିକ ଯେତିକି ବାସ୍ତବ ସେତିକି ଆଦର୍ଶଧର୍ମୀ । ପୁଣି ଯେତିକି ଜୀବନ୍ତ ସେତିକି ମଧ୍ୟ ପ୍ରତୀକ ଧର୍ମୀ। ବରଜୁ, ଶୁଭକାନ୍ତ ଓ ଗୌରୀ ଆଦି ମୁଖ୍ୟ ଚରିତ୍ରଗୁଡ଼ିକ ଆମ ଆଗରେ ମାନବୀୟତାର ଉର୍ଦ୍ଧ୍ୱମୁଖୀ ମଶାଲ ଧରି ସବୁଦିନ ପାଇଁ ଠିଆ ହୋଇଥିବେ। ସେମାନଙ୍କୁ ଅନୁସରଣ କରିବା ପାଇଁ ଆମକୁ ପ୍ରତି ମୁହୂର୍ତ୍ତରେ ଆହ୍ୱାନ କରି ଚାଲିଥିବେ। ସତ୍ୟ, ସାମ୍ୟ, ମୈତ୍ରୀ, ପ୍ରୀତି, ସେବା, ଦୟା, କ୍ଷମା, ଅହିଂସା ଓ ତ୍ୟାଗ ଇତ୍ୟାଦି ମହାନ୍ ମାନବୀୟ ଗୁଣ ଉପରେ ତାଙ୍କ ଉପନ୍ୟାସଗୁଡ଼ିକ ପ୍ରତିଷ୍ଠିତ ହୋଇଛି। ସେଥିପାଇଁ କାଳିନ୍ଦୀଚରଣଙ୍କ ଉପନ୍ୟାସଗୁଡ଼ିକ ଆମ ପାଖରେ ନୂତନ ରୂପେ ପ୍ରତିଭାତ ହେଉଥିବ ଓ ହୃଦୟକୁ ଆକର୍ଷଣ କରି ଚାଲିଥିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

## ମଧୁମଗ୍ନା


ଲେଖିକା –ଡାକ୍ତର ମଞ୍ଜୁବାଳା ପଣ୍ଡା
ପ୍ରକାଶକ–ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର, ମୂଲ୍ୟ–୧୫୦ଟଙ୍କା




ମଧୁମଗ୍ନା ଗଳ୍ପିକା, କବୟିତ୍ରୀ ଡାକ୍ତର ମଞ୍ଜୁବାଳା ପଣ୍ଡାଙ୍କ ଗଳ୍ପ ପୁସ୍ତକ। ଏଥିରେ ୧୬ଟି ଗଳ୍ପ ସ୍ଥାନିତ ହୋଇଛି। ପ୍ରଥମ ଗଳ୍ପର ଶୀର୍ଷକ 'ନୂଆଉ'। ଏଥିରେ ନଣନ୍ଦ ଭାଉଜଙ୍କର ଅପୂର୍ବ ସ୍ନେହ ମମତା କୁ ଏଭଳି ବର୍ଣ୍ଣନା କରାଯାଇଛି ଯେ, ଯେତେଥର ପଢ଼ିଲେ ବି ଗପ ଭିତରୁ ବାହାରି ହେବନି। ଶେଷ ଗପର ନାଁ 'ମଧୁମଗ୍ନା'। ଯାହାର ଉପସ୍ଥାପନା ଶୈଳୀ ସତରେ ଅନନ୍ୟ । ହସ, ଲୁହ, ପ୍ରେମ, ଅନୁରାଗ ସବୁକିଛିକୁ ସେ ଏତେ ସୁନ୍ଦର ଗୁନ୍ଥି ଦେଇଛନ୍ତି ଯେ, ପାଠକ ଶେଷ ନ କରି ରହିପାରିବେନି। ପ୍ରତ୍ୟେକଟି ଗପ ଅତି ନିଖୁଣ ଓ ଚମତ୍କାର ଭାବରେ ବର୍ଣ୍ଣିତ ହୋଇଛି। ହୃଦୟର ଆବେଗ, ବାସ୍ତବବାଦୀ ଆଭିମୁଖ୍ୟ ଗଳ୍ପଗୁଡ଼ିକରେ ସ୍ଥାନିତ। ଭାବାବେଗ, ଶବ୍ଦଗୁମ୍ଫନ, ଶୈଳୀ, ବିଷୟ ବିନ୍ୟାସ, ଚିତ୍ର ଚାତୁରି, ବର୍ଣ୍ଣନା ବିଳାସ ଆଦି ପୁସ୍ତକଟିକୁ ନିଶ୍ଚୟ ପାଠକାଦୃତ କରିବ। ଏହା ନିଃସନ୍ଦେହ।

## ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ତଥ୍ୟ

ଲେଖକ– ଡ.ପ୍ରଦୀପ କୁମାର ଚୌଧୁରୀ
ପ୍ରକାଶକ–ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର
ମୂଲ୍ୟ– ୩୦୦ଟଙ୍କା




ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ତଥ୍ୟ ପୁସ୍ତକର ଲେଖକ ଡ.ପ୍ରଦୀପ କୁମାର ଚୌଧୁରୀ। ଏଥିରେ ଜଗନ୍ନାଥଙ୍କ ଉପରେ ୨୯ଟି ବିଷୟରେ ଆଲୋଚନା କରାଯାଇଛି। ଈଶ୍ୱର ସୃଷ୍ଟିର ଅନନ୍ତ ସତ୍ତାରେ ପରିବ୍ୟାପ୍ତ ଓ ପଞ୍ଚଭୂତର ସମଷ୍ଟି । ସେ ନିର୍ଗୁଣ, ନିରାକାର, ନିରଞ୍ଜନ ଓ ପୂର୍ଣ୍ଣ ପରିବ୍ୟାପ୍ତ। ନୀଳ ମହୋଦଧି କୂଳେ, ନୀଳକନ୍ଦରରେ ନୀଳ ଆକାଶ ଆଉ ନୀଳଚକ୍ର ତଳେ, ନୀଳାଦ୍ରି ମଣ୍ଡପେ, ନୀଳରତ୍ନ ସିଂହାସନେ ବିରାଜିତ ନୀଳବ୍ରହ୍ମ ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣ ଈଶ୍ୱରଙ୍କ ପ୍ରତୀକ। ଉକ୍ତ ପୁସ୍ତକରେ ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟର ବ୍ୟାଖ୍ୟାନ ସହ ଲୀଳାର ବିଶ୍ଳେଷଣ କରାଯାଇଛି। ଅନେକ ତଥ୍ୟ ମାଧ୍ୟମରେ ଜଗନ୍ନାଥଙ୍କ ଇତିହାସ ଓ ଐତିହ୍ୟର ଅବତାରଣା କରାଯାଇଛି। ଏହା ଏକ ଉଲ୍ଲେଖନୀୟ ପ୍ରୟାସ । ଜ୍ୟୋତିର୍ବିଦ୍ ଚୌଧୁରୀ ଜଣେ ବିଶିଷ୍ଟ କବି ପ୍ରତିଭା। ସେ ଜ୍ୟୋତିଷଶାସ୍ତ୍ର, ଧର୍ମ, ଦର୍ଶନ, ଆଧ୍ୟାତ୍ମିକ ଓ ବାସ୍ତୁଶାସ୍ତ୍ର ଆଦି ଅନେକ ପୁସ୍ତକ ରଚନା କରି ଖ୍ୟାତି ଅର୍ଜନ କରିଛନ୍ତି। ଆଶା ପୁସ୍ତକଟି ପାଠକଙ୍କ ତୃଷ୍ଣା ମେଣ୍ଟାଇବାରେ ସହାୟକ ସହ ବହୁ ଜନାଦୃତ ହେବ।

ବ୍ୟାକ୍ ପେଜ୍







# ଦୁବାଇରେ ଆଲ୍ଲାଦିନ

**କା**ହାଣୀରେ ଆଲ୍ଲାଦିନ ଓ ତା'ର ଯାଦୁ ଗାଲିଚା ସମ୍ପର୍କରେ ନିଶ୍ଚୟ ଶୁଣିଥିବେ। ହେଲେ ଦୁବାଇର ବିଭିନ୍ନ ସ୍ଥାନରେ ଏବେ ଜଣେ ସତସତିକା ଆଲ୍ଲାଦିନ ଦେଖିବାକୁ ମିଳୁଛନ୍ତି। କେବେ ପାଣି ଉପରେ ତ କେବେ ରାସ୍ତାରେ ଏହି ଆଲ୍ଲାଦିନ ଜଣକ ନିଜର ଗାଲିଚାରେ ଉଡି ବୁଲୁଥିବାର ଦେଖିବାକୁ ମିଳୁଛନ୍ତି। ଆଲ୍ଲାଦିନ ସାଜିଥିବା ଏହି ବ୍ୟକ୍ତିଙ୍କ ନାମ 'ରାଇଜ୍‌ଓରଡାଇ'। ଲୋକଙ୍କୁ ରାଇଜ୍‌ଓରଡାଇଙ୍କ କାରନାମା ବହୁତ ଭଲ ଲାଗୁଛି। ଆଉ ବହୁତ ପ୍ରଶଂସା କରୁଛନ୍ତି। ସେ ନିଜ ୟୁଟ୍ୟୁବ ଚ୍ୟାନେଲରେ ଏହାର କିଛି ଭିଡିଓ ଅପ୍‌ଲୋଡ କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ରାଇଜ୍‌ଓରଡାଇ ଧଳା ରଙ୍ଗର ଆଲ୍ଲାଦିନ ପୋଷାକ ଓ ସୁନେଲୀ ପଗଡି ପିନ୍ଧି ଏକ ଗାଲିଚା ଉପରେ କେବେ ଭୂମି ଉପରେ ତ କେବେ ପାଣି ଉପରେ ଉଡିଥାନ୍ତି। ତେବେ ତାଙ୍କ ଗାଲିଚା ଉଡିବା ପାଇଁ ସେ ପିଭିସି ପାଇପ୍‌ର ଫ୍ରେମକୁ ଏକ ଇଲେକ୍ଟ୍ରୋନିକ ଲଙ୍ଗ ବୋର୍ଡରେ ଫିକ୍ସ କରିଛନ୍ତି। ତା' ଉପରେ ଗାଲିଚା ବିଛାଇଛନ୍ତି। ଏହିଭଳି ଭାବେ ଏକ ଅପ୍ଟିକାଲ ଇଲ୍ୟୁଜନ ସୃଷ୍ଟି କରି ସେ ଉକ୍ତ ଯାଦୁ ଗାଲିଚା ତିଆରି କରିଛନ୍ତି। ପାଣି ଉପରେ ଉଡିବା ପାଇଁ ତିଆରି ଗାଲିଚା ତଳେ ସେ ଇ-ଫାଇଲ ବୋର୍ଡ ବ୍ୟବହାର କରିଛନ୍ତି, ଯାହାକି ସାଧାରଣତଃ ସର୍ଫବୋର୍ଡ ପରି ହୋଇଥାଏ। କିଛି ଆଧୁନିକ ପଦ୍ଧତି ଆପଣେଇ ସେ ଆଲ୍ଲାଦିନ ସାଜି ଉଡିପାରୁଛନ୍ତି। ଆଉ ଏହି ଦୃଶ୍ୟକୁ ଦେଖି ଲୋକେ ବହୁତ ମଜା ଉଠାଉଛନ୍ତି।

# ଭୂତ ରେଷ୍ଟୁରାଣ୍ଟ

**ଗ୍ରା**ହକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଅଜବ ପ୍ରକାରର ରେଷ୍ଟୁରାଣ୍ଟ ବିଷୟରେ ଶୁଣିଥିବେ। ସେହିଭଳି ଏକ ଅଜବ ଥିମ୍‌ର ରେଷ୍ଟୁରାଣ୍ଟ ଅଛି ସ୍ପେନରେ, ଯାହାର ନାଁ ହେଉଛି 'ଲା ମାସିୟା ଏଁକାଟଣ୍ଡା'। ଉକ୍ତ ରେଷ୍ଟୁରାଣ୍ଟକୁ ପ୍ରବେଶ କରୁ କରୁ ଆପଣ ଡରରେ ଥରିବାକୁ ଲାଗିବେ। କାରଣ ଏହାର ପରିବେଶ ବହୁତ ଭୟଙ୍କର। ପ୍ରବେଶ କରୁ କରୁ ରକ୍ତ ଭିଜା ଛୁରି ଧରି ଭୂତ ଆପଣଙ୍କୁ ସ୍ୱାଗତ କରିବ। ରେଷ୍ଟୁରାଣ୍ଟ ଭିତରେ ସତସତିକା ଲାଗୁଥିବା ଅନେକ ଶବ ଝୁଲିଥିବା ଦେଖିବାକୁ ପାଇବେ। ଆଉ ଭିତରକୁ ପ୍ରବେଶ କଲେ ଭୂତପ୍ରେତ ଆପଣଙ୍କୁ ଖାଦ୍ୟ ପରଷିବା ପାଇଁ ପହଞ୍ଚିଯିବେ। ଯଦିଓ ଏହି ଭୂତପ୍ରେତ ସତସତିକା ନୁହେଁ, ଆଉ ଏମାନେ ସମସ୍ତେ ରେଷ୍ଟୁରାଣ୍ଟର କର୍ମଚାରୀ ତଥାପି ସେମାନଙ୍କର ଭୟଙ୍କର ବେଶ ଦେଖି ନିଶ୍ଚୟ ଡର ଲାଗିବ। ସପ୍ତାଦଶ ଶତାବ୍ଦୀରେ ଜୋଶେଫ ମା' ରିଏସ୍ ଓ ସୁରୋକା ମିଶି 'ମାସିୟା ସେଣ୍ଟା ରୋଜା' ନାମକ ଘର ତିଆରି କରିଥିଲେ। ହେଲେ ପରେ ପାରିବାରିକ ବିବାଦ ହୋଇଥିଲା। ଆଉ ମାସିୟା ସେଣ୍ଟା ରୋଜା ବ୍ୟବହାର ନ ହୋଇ ଭୂତକୋଠି ପାଲଟିଗଲା। ୨୦ ବର୍ଷ ପରେ ୧୯୭୦ରେ ସୁରୋକାଙ୍କ ବଂଶଜ ଏହାକୁ ରେଷ୍ଟୁରାଣ୍ଟରେ ପରିଣତ କରିବାକୁ ନିଷ୍ପତ୍ତି ନେଲେ। ତେବେ ସେହି ପରିବାରର ମାନ୍ୟତା ଥିଲା



ଯେ, ସେହି ଘର ଶ୍ରାପିତ। ତେଣୁ ସେମାନେ ଯୋଜନା କଲେ ରେଷ୍ଟୁରାଣ୍ଟକୁ ହଣ୍ଟେଡ ରେଷ୍ଟୁରାଣ୍ଟ ଥିମ୍‌ରେ ଆରମ୍ଭ କରିବେ। ଆଉ 'ଲା ମାସିୟା ଏଁକାଟଣ୍ଡା' ନାମ ଦେଇ ଏହି ହଣ୍ଟେଡ ରେଷ୍ଟୁରାଣ୍ଟ ଆରମ୍ଭ କଲେ। ଏହି ରେଷ୍ଟୁରାଣ୍ଟରେ ଭୟଙ୍କର ଶୋ' ସହ ବିଭିନ୍ନ ପ୍ରକାରର ମ୍ୟାଜିକାଲ ଟ୍ରିକ୍ ବି ପରିବେଷଣ କରାଯାଏ। ଏଠାରେ ଗ୍ରାହକଙ୍କୁ ଯଥା ସମ୍ଭବ ଡରେଇବାର ପ୍ରୟାସ କରାଯାଏ। ତେଣୁ ଦୁର୍ବଳ ହୃଦୟର ଲୋକେ ଏଠାକୁ ନ ଯିବା ଭଲ।



# ସବୁଠୁ ଉଚ୍ଚା ରୋପ୍‌ୱାକ୍‌ରେ ଚାଲି ରେକର୍ଡ

**ସୁ**ଇଜରଲାଣ୍ଡର ୪୫ ବର୍ଷୀୟ ଫ୍ରେଡି ନକ୍‌ସ ଜଣେ ଦୁଃସାହସିକ ଯୁବକ। ଏଠାକାର ସିଲ୍‌ଭାପ୍ଲନ ଅଞ୍ଚଳର ଗୋଟିଏ ପାହାଡ଼ରୁ ଆଉ ଏକ ପାହାଡ ସହ ସଂଯୋଗ କରୁଥିବା ୫,୨୪୯ ଫୁଟ ଉଚ୍ଚତାର ରୋପ୍‌ୱେ ଉପରେ ସେ ଚାଲିଥିଲେ। ସେ ପୁଣି ହାରନେସ୍ ଓ ସେଫ୍ଟି ନେଟ୍ ପରି କୌଣସି ସୁରକ୍ଷା ବ୍ୟବସ୍ଥା ବ୍ୟବହାର ନ କରି। ହାତରେ ତାଙ୍କର ଥିଲା କେବଳ ଏକ ବାଲାନ୍ସିଂ ପୋଲ୍। ସେହି ପୋଲ୍‌କୁ ଧରି ଶରୀରର ସନ୍ତୁଳନ ରକ୍ଷା କରି ସେ ଦୁଇ ପାହାଡ଼କୁ ସଂଯୋଗ କରୁଥିବା ରୋପୱେ ଉପରେ ଚାଲିଥିଲେ। ହେଲେ ତାଙ୍କ ମୁହଁରେ ନ ଥିଲା ତିଳେ ମାତ୍ର ଭୟ। ଏତେ ଉଚ୍ଚତାରେ ଥିବା ରୋପ୍‌ୱେରେ ଚାଲି ଥିବାରୁ ସେ ସର୍ବୋଚ୍ଚ କେବଲ୍ ୱାକ୍ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଲେ।